# ଆନନ୍ଦ ଉଲ୍ଲାସରେ ବିଶ୍ୱ ଯୋଗ ଦିବସ ପାଳିତ

## ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ



**ରାଉରକେଲା, ୨୨।୬(ସମିସ):** ଜୁନ ୨୧ ତାରିଖ ବିଶ୍ୱର କୋଣ ଅନୁକୋଣରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି କ୍ରମରେ ସ୍ଥାନୀୟ ଜଳଦାସ୍ଥିତ ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟ ଅଡିଟୋରିୟମରେ ଏକ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଅଭିଜ୍ଞ ଛାତ୍ରୀ ପାୟଲ ପୂରଣ ଓ ସ୍ନେହା ନାଗ ସମସ୍ତଙ୍କୁ ଯୋଗ ଓ ପ୍ରାଣାୟାମ କରାଇଥିଲେ। କ୍ରୀଡ଼ା ପ୍ରଶିକ୍ଷିକା ଇତିଶ୍ରୀ ପଟ୍ଟନାୟକ ସହଯୋଗ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଅରୁନ୍ଧତୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କହିଲେ, ମଣିଷକୁ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରଖିବା କ୍ଷେତ୍ରରେ ଯୋଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ। ନିଜେ ସୁସ୍ଥ ରହିବା ସହ ଏକ ସୁସ୍ଥ ଓ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ସମସ୍ତଙ୍କୁ ଯୋଗାଭ୍ୟାସ କରିବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି ବ୍ୟସ୍ତବହୁଳ ଜୀବନଶୈଳୀରେ ନିରୋଗ ରହିବା ପାଇଁ ପ୍ରତିଦିନ ଯୋଗ କରିବା ଆବଶ୍ୟକ ବୋଲି ବରିଷ୍ଠ କିରାଣି ଲଳିତ କୁମାର କହିଥିଲେ।

କ୍ରୀଡ଼ା ପ୍ରଶିକ୍ଷିକା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଏହି ଅବସରରେ ଶାରୀରିକ ଓ ମାନସିକ ସୁସ୍ଥତା ନିମିତ୍ତ ନିୟମିତ ଯୋଗାଭ୍ୟାସ ପାଇଁ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଯୋଗ ଦିବସ ଉପଲକ୍ଷେ ମହାବିଦ୍ୟାଳୟ ଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଡ. ସୁରଭି ସାହୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଡ. ମୀନତି ଦାସ, ସଞ୍ଜୁକ୍ତା ପଟ୍ଟନାୟକ, ଗୀତିକା ପଟେଲ, ମୀନା ମହନ୍ତ, ନିକିତା କେରକେଟ୍ଟା, କାଜଲ ଟପ୍ପୋ, ଶିଳାନନ୍ଦ ଲାକ୍ରା, ମାଣିକ ପଣ୍ଡା, ସୋନମ୍ ଲାକ୍ରା ପ୍ରମୁଖ ସହଯୋଗ କରିଥିଲେ।

## କଳିଙ୍ଗ ସ୍ୱରାଜ ମହିଳା ସଂଘ



ରାଉରକେଲାର କଳିଙ୍ଗ ସ୍ୱରାଜ ମହିଳା ସଂଘ ଏବଂ ଆର୍ଟ ଅଫ୍ ଲିଭିଂ ମିଳିତ ଆନୁକୂଲ୍ୟରେ ସେକ୍ଟର-୪ ସୀତାରାମ ମନ୍ଦିର ପ୍ରାଙ୍ଗଣରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ପ୍ରବଳ ବର୍ଷା, ଘଡ଼ଘଡ଼ି, ପବନ ଓ ଅନ୍ଧାରରେ ମଧ୍ୟ ମୋବାଇଲ ଫୋନ ଟର୍ଚ୍ଚ ଆଲୋକରେ ଯୋଗାଭ୍ୟାସ କରାଯାଇଥିଲା। ଭବାନୀ ମହାପାତ୍ର, କାଜଲ ଦାସ, ପୁଷ୍ପଲତା ଦାସ, ମମତା ପଣ୍ଡା, ନିରୁପମା ପତି, ଗାୟତ୍ରୀ ମହାନ୍ତି, ଇନା ମହାନ୍ତି, ପ୍ରତିଭା, ଶ୍ୱେତସିକ୍ତା, ବବିତା, ମିନର୍ଭା, ପ୍ରତିମା, ରଞ୍ଜିତା ପ୍ରମୁଖ ଏଥିରେ ଯୋଗଦେଇ ଯୋଗ ପରିଚାଳନାରେ ସହଯୋଗ କରିଥିଲେ।

## ଛଟେନପାଲି ଡିଏଭି ପବ୍ଲିକ ସ୍କୁଲ





**ସୁନ୍ଦରଗଡ଼:** ଏମସିଏଲ ଦ୍ୱାରା ପରିଚାଳିତ ଲେଫ୍ରିପଡ଼ା ବ୍ଲକ ଛଟେନପାଲିସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ଯୋଗାଚାର୍ଯ୍ୟ ଜୟ ସାହୁ ଓ ଯୋଗ ପ୍ରଶିକ୍ଷିକା ପ୍ରିୟଙ୍କା ସାହୁ ଯୋଗଦେଇ ଯୋଗର ବହୁବିଧ ଉକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିବା ସହ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ କରାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ଲାକାର୍ଡ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଶିକ୍ଷୟିତ୍ରୀ ଆୟୁଷୀ ପଟେଲଙ୍କ ସଂଯୋଜନାରେ ଏହା ଆୟୋଜିତ ହୋଇଥିଲା। ମଧୁସ୍ମିତା ପାଢ଼ୀ, ସାଇନା ଦାଶ, ଅଳକା ପାଲ, ରେଣୁକା ସାହୁ, ପ୍ରତିଭା ବିଶ୍ୱାଳ, ରାଜେଶ ଦାଶ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏନ୍‌ଟିପିସି ଡୁଲଙ୍ଗା



**ସୁନ୍ଦରଗଡ଼:** ଏନଟିପିସି ଡୁଲଙ୍ଗା ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି ଅବସରରେ କର୍ମଚାରୀ ଏବଂ ତାଙ୍କ ପରିବାର ବର୍ଗଙ୍କୁ ନେଇ ଯୋଗ କର୍ମଶାଳା ଆୟୋଜନ କରାଯାଇଥିଲା। ଯୋଗଗୁରୁ ପ୍ରଦୀପ ପଟେଲ ଏବଂ ପୂଜା ପଟେଲଙ୍କୁ ସ୍ୱାଗତ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ସମସ୍ତ କର୍ମଚାରୀ ଯୋଗକୁ ପ୍ରୋତ୍ସାହିତ କରିବା ଏବଂ ଏହାକୁ ସେମାନଙ୍କ ଦୈନନ୍ଦିନ ଜୀବନରେ ଅନ୍ତର୍ଭୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ। ଯୋଗଗୁରୁମାନେ ବିଭିନ୍ନ ଯୋଗାସନ ପ୍ରଦର୍ଶନ କରିବା ସହ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ସମାଧାନରେ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିଲେ। ପ୍ରେରଣା ଲେଡିଜ୍ କ୍ଲବରେ ଆୟୋଜିତ ଯୋଗ କର୍ମଶାଳାରେ କ୍ଲବ ସଭାପତି କବିତା ସାକ୍ସେନା ମହିଳାମାନଙ୍କୁ ପ୍ରତିଦିନ ଯୋଗ କରିବାକୁ ଉତ୍ସାହିତ କରିଥିଲେ।

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ



ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ନେହରୁ ପାର୍କ ପରିସରରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ବିଭାଗୀୟ ଅତିରିକ୍ତ ପରିବେଶ ବୈଜ୍ଞାନିକ ତଥା ଆଞ୍ଚଳିକ ଅଧିକାରୀ ଡ. ଅନୁପ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସମେତ ସମାଜସେବୀ ଇଂ କୁମାର ବେହେରା ଏବଂ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ। ଯୋଗର ଉପକାରିତା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଯୋଗ, ବ୍ୟାୟାମ, ଧ୍ୟାନ ଏବଂ ପ୍ରାଣାୟାମ ଆମ ଶରୀର ତଥା ମନକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ। ପ୍ରାଚୀନ କାଳରୁ ଭାରତୀୟ ପରମ୍ପରାରେ ଏହା ଜୀବନଶୈଳୀର ଏକ ଅଂଶବିଶେଷ ହୋଇଆସିଛି ବୋଲି ଅତିଥିମାନେ କହିଥିଲେ। ଯୋଗ ପ୍ରଶିକ୍ଷକ ପର୍ଶୁରାମ ମଲ୍ଲିକ ଯୋଗର ବିଭିନ୍ନ ଅଭ୍ୟାସ ପ୍ରଣାଳୀ ସମ୍ପର୍କରେ ଆଲୋକପାତ କରିବା ସହ ଯୋଗ ଶିବିର ପରିଚାଳନା କରିଥିଲେ।

ବିଭାଗୀୟ ଉପ ପରିବେଶ ଯନ୍ତ୍ରୀ ବିଜୟ କୁମାର ଭୋଇ, ଇଂ. ରମଣିରଞ୍ଜନ ଦାସ, ଇଂ ଚନ୍ଦ୍ରଶେଖର ଚୌହାନ, ରଜତ କୁମାର ସେଠୀ, ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟରଞ୍ଜନ ପ୍ରଧାନ, ପ୍ରଜ୍ଞାଜ୍ୟୋତି ସେନାପତି, ସହକାରୀ ପରିବେଶ ଯନ୍ତ୍ରୀ ପ୍ରୀତମ କୁମାର ପତି, ଓଏସଡି ବିଭୂତି ଭୂଷଣ ମହନ୍ତଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଗତି ପବ୍ଲିକ ସ୍କୁଲ



ସ୍ଥାନୀୟ ସେକ୍ଟର-୨୨ ପ୍ରଗତି ପବ୍ଲିକ ସ୍କୁଲ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। କ୍ରୀଡ଼ା ଶିକ୍ଷକ ଦେବାଶିଷ ମହନ୍ତ ଓ ଯୋଗ ଶିକ୍ଷୟିତ୍ରୀ ମଞ୍ଜୁରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଯୋଗ କରିଥିଲେ। ସ୍କୁଲ ଅଧ୍ୟକ୍ଷା ବିଶ୍ୱକଲ୍ୟାଣୀ ଦାଶ ସୁସ୍ଥ ଓ ନିରୋଗ ଜୀବନ ନିମନ୍ତେ ନିୟମିତ ଯୋଗ ଆବଶ୍ୟକ ବୋଲି କହିଥିଲେ। ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାସନ୍ତୀ କଲୋନୀ ଡିଏଭି ସ୍କୁଲ




ସ୍ଥାନୀୟ ବାସନ୍ତୀ କଲୋନୀ ଡିଏଭି ସ୍କୁଲରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ଯୋଗଗୁରୁ ଜିତେନ୍ଦ୍ର ସାରଙ୍କ ପ୍ରଶିକ୍ଷଣରେ ଛାତ୍ରଛାତ୍ରୀମାନେ ଯୋଗ ଅଭ୍ୟାସ କରିଥିଲେ। ଯୋଗ ମଣିଷକୁ ସୁସ୍ଥ ଓ ନିରୋଗ ରଖିବା ସହ ଧୈର୍ଯ୍ୟ, ସହନଶୀଳତା, ଧୀ ଶକ୍ତି ବୃଦ୍ଧି କରିଥାଏ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଏଲ୍ଏମ୍ସି ସଭ୍ୟ ଏସ୍କେ ଯୋଶୀ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ଯୋଗ ଅଭ୍ୟାସ କରିଥିଲେ। ବିଦ୍ୟାଳୟର ସହ ସଂଯୋଜକ ବିଜୟ କୁମାର ମିଶ୍ର, ପ୍ରବୀର ମିଶ୍ର, ବିଶ୍ୱନାଥ ଥାନାପତି, ସୌ÷ମ୍ୟା ସୁରଭିତା ଗୁରୁ, ସ୍ୱପ୍ନା ଘୋଷ, ସୁସ୍ମିତା ଗୁରୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରଶିକ୍ଷକ ଦୁଷ୍ମନ୍ତ ବେହେରା, କ୍ରୀଡ଼ା ପ୍ରଶିକ୍ଷିକା ମିନତୀ ପାତ୍ର ସହଯୋଗ କରିଥିଲେ। ଅଧ୍ୟକ୍ଷ ଲୋକନାଥ ପ୍ରଧାନ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

## ସାଲବିରା ଅଙ୍ଗନବାଡ଼ି କେନ୍ଦ୍ର



**ସୁନ୍ଦରଗଡ଼:** ବଡ଼ଗାଁ ବ୍ଲକ ସାଲବିରା ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ସାଲବିରା ଉପ ସ୍ୱାସ୍ଥ୍ୟକେନ୍ଦ୍ର ସିଏଚଓ ପୁଷ୍ପାଞ୍ଜଳି ମାଝୀ ସଭାପତିତ୍ୱ କରି ଯୋଗ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଯୋଗ ପ୍ରଶିକ୍ଷିକା ମୌସୁମୀ ତ୍ରିପାଠୀ ଯୋଗ ଓ ପ୍ରାଣାୟାମ ସମ୍ପର୍କରେ ବୁଝାଇବା ସହ ଗ୍ରାମର ଗର୍ଭବତୀ ମାଆ, ପ୍ରସୂତି ମାଆ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସମେତ ଉପସ୍ଥିତ ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ। ସ୍ଥାନୀୟ ଆଶାକର୍ମୀ କଳ୍ପନା ସା, ଅଙ୍ଗନବାଡ଼ି କର୍ମୀ ଅଞ୍ଜଳି ମାଝୀ, ସହାୟିକା ଶୈଳେନ୍ଦ୍ରୀ ପ୍ରଧାନ ଏବଂ ଝାରମୁଣ୍ଡା ଆଶାକର୍ମୀ ଖ୍ରୀଷ୍ଟିନା ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଛି।

## ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ

ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଯୋଗାଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଆର୍ଟ ଅଫ୍ ଲିଭିଂ ଅନୁଷ୍ଠାନ ସହଯୋଗରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍), ଯୁବ ରେଡ୍‌କ୍ରସ (ୱାଇଆର୍‌ସି) ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଶାଖା ପକ୍ଷରୁ ମିଳିତଭାବେ ଆର୍ଟ ଅଫ୍ ଲିଭିଂ ଅନୁଷ୍ଠାନର ବୀରେନ୍ଦ୍ର ସିଂହ ସାହୋଟା ଓ ବଲବିନ୍ଦର କୌର ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ରାଉରକେଲାରେ ଅବସ୍ଥାପିତ ଏନ୍‌ସିସି ୯ମ ବାଟାଲିୟନ ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟର ଏନ୍ସିସି କ୍ୟାଡେଟ୍ ସ୍ୱତନ୍ତ୍ର ଭାବେ ଯୋଗଦେଇଥିଲେ।

ଏହି ଅବସରରେ ପୂର୍ବରୁ ଆୟୋଜିତ ସ୍ୱତନ୍ତ୍ର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ



ଏହି କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ସଂଯୋଜକ ଅଧ୍ୟାପକ ସମୀର ସୌରଭ ପୃଷ୍ଟି, ସଂଯୋଜିକା ଅଧ୍ୟାପିକା ରାମେଶ୍ୱରୀ ଭୋଇ, ଯୁକ୍ତ ଦୁଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ଅଶୋକ ମିଞ୍ଜ, ଏନ୍‌ସିସିର ଭାରପ୍ରାପ୍ତ ଅଧିକାରୀ କ୍ୟାପ୍‌ଟେନ୍ ମୀନା ଦାସ ପ୍ରମୁଖ ପରିଚାଳନା ଓ ସଂଯୋଜନା କରିଥିଲେ। କରାଯଇଥିଲା। ଚଳିତ ବର୍ଷ ଯୋଗ ଦିବସ ପାଳନର ପ୍ରସଙ୍ଗ ରହିଥିଲା 'ନିଜ ଓ ସମାଜ ପାଇଁ ଯୋଗ'। ଏହି ପ୍ରସଙ୍ଗ ସମ୍ପର୍କିତ ବାର୍ତ୍ତା ମଧ୍ୟ ଦିବସ ପାଳନ ଅବସରରେ ଦିଆଯାଇଥିଲା। ଏହି ଅବସରରେ ୨୨୭ ଛାତ୍ରଛାତ୍ରୀ ଯୋଗାଭ୍ୟାସ କରିଥିଲେ। ଏହା ସହିତ କେବଳ ଗୋଟିଏ ଦିନ ନ କରି ପ୍ରତିଦିନ ନିୟମିତ ଭାବେ ଭିନ୍ନ ଭିନ୍ନ ପ୍ରକାରର ଯୋଗାଭ୍ୟାସ ଜାରି ରଖିବାକୁ ପ୍ରଫେସର ଡ. ବେହେରା ପରାମର୍ଶ ଦେଇଥିଲେ।

## ବାସନ୍ତୀ ପାଠାଗାର



ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାସନ୍ତୀ ପାଠାଗାରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ପାଠାଗାରର କାର୍ଯ୍ୟକାରୀ ସଭାପତି ତଥା ଯୋଗଗୁରୁ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ଡ. ଶକ୍ତିପ୍ରସାଦ ସାମନ୍ତରାୟ ମୁଖ୍ୟଅତିଥି ଓ କବି କୁଞ୍ଜବିହାରୀ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୋଗର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଯୋଗଗୁରୁ ଆଚାର୍ଯ୍ୟ ବୃକ୍ଷାସନ, ଭଦ୍ରାସନ, ବଜ୍ରାସନ, ଅର୍ଦ୍ଧଉଷ୍ଟ୍ର ଆସନ ସମେତ ବହୁ ଆସନର ଉପକାରିତା ସମ୍ପର୍କରେ ଆଲୋଚନା କରିବା ସହ ଯୋଗଶିକ୍ଷା ପ୍ରଦାନ କରିଥିଲେ। ସୁବାସିନୀ ସାହୁ, କବିତା ଦାଶ, ପ୍ରିୟା ପାତ୍ର, ସୌଦାମିନୀ ମିଶ୍ର, ବିଭୁଦତ୍ତ ବେହେରା, କିଶୋରୀ ମୋହନ କର, ସୁମିତା ସ୍ୱାଇଁ, ମଞ୍ଜୁ ନନ୍ଦ, କମଳା ଆଚାର୍ଯ୍ୟ, ଭୁନୁଲତା ଘଡ଼େଇ, ଗୀତାଞ୍ଜଳି ମହାରଣା, ରବୀନ୍ଦ୍ର ଠାକୁର, ସଞ୍ଜୁକ୍ତା ଦାଶ, ହରପ୍ରିୟା ପାଢ଼ୀ, ସୁପ୍ରିୟା ଜେନା, ଗୌରବ ଅଗ୍ରୱାଲ, ବିଷ୍ଣୁଚରଣ ସାହୁ, ପୁଷ୍ପାଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ଯୋଗଶିକ୍ଷା କରିଥିଲେ। ଏହି ଅବସରରେ ସଦସ୍ୟ ବିଷ୍ଣୁଚରଣ ସାହୁଙ୍କ ଜନ୍ମଦିନ ହୋଇଥିବାରୁ ଅନୁଷ୍ଠାନ ତରଫରୁ ତାଙ୍କୁ ସମ୍ମାନିତ କରାଯାଇଥିଲା।

## କୋଇଡ଼ା ବ୍ଲକ୍ ପ୍ରଶାସନ



**କୋଇଡ଼ା:** କୋଇଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ସ୍ଥାନୀୟ ଗୋପବନ୍ଧୁ ହାଇସ୍କୁଲ ଖେଳପଡ଼ିଆରେ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଡ. କମଳାକାନ୍ତ ମହାନ୍ତ ବିଭିନ୍ନ ଆସନ ପ୍ରଦର୍ଶନ କରିବା ସହ ଯୋଗର ଉପକାରିତା ବିଷୟରେ ସୂଚନା ଦେଇଥିଲେ। ଯୋଗ ଶିବିରରେ କୋଇଡ଼ା ବିଡିଓ ରଶ୍ମିରେଖା ପାତ୍ର, ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ ଓ ଅତିରିକ୍ତ ତହସିଲଦାର ଆଶିଷ କୁମାର ରାଉତ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକର ଅନ୍ୟ କର୍ମଚାରୀ, ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ପୂର୍ବତନ ସରପଞ୍ଚ ସନ୍ଧ୍ୟାରାଣୀ ନାଏକ ଓ ବହୁ ସଂଖ୍ୟକ ମହିଳା ଅଂଶଗ୍ରହଣ କରିଥିଲେ। ବ୍ଲକ କନିଷ୍ଠ ଯନ୍ତ୍ରୀ ଲଳିତ କୁମାର ବିଶ୍ୱାଳ ଓ ସିଆରସିସି ପ୍ରଶାନ୍ତ କୁମାର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡାଲମିଆ ସିମେଣ୍ଟ, ଡାଲମିଆ ବିଦ୍ୟା ମନ୍ଦିର ଓ ଆଇଟିଆଇ

ଭାରତର ଅଗ୍ରଣୀ ସିମେଣ୍ଟ କମ୍ପାନୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ) ରାଜଗାଙ୍ଗପୁର ତରଫରୁ କମ୍ପାନୀର ଅଡିଟୋରିଅମରେ ଅନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଡିସିବିଏଲ ନିର୍ବାହୀ ନିର୍ଦ୍ଦେଶକ ଚେତନ ଶ୍ରୀବାସ୍ତବ, ଡାଲମିଆ ସିମେଣ୍ଟର କର୍ମଚାରୀ, ଅଧିକାରୀ ଏବଂ ତାଙ୍କ ପରିବାର ସଦସ୍ୟ ଭାଗ ନେଇଥିଲେ। ଡାଲମିଆ ସିମେଣ୍ଟର ପ୍ରାକୃତିକ ଚିକିତ୍ସା ବିଶେଷଜ୍ଞ ଡା. ରାଧେଶ୍ୟାମ ଶର୍ମା ଯୋଗଶିକ୍ଷା ଦେବା ସହ ଯୋଗ ଦ୍ୱାରା ହେଉଥିବା ଉପକାର ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ରାଜଗାଙ୍ଗପୁର ଡାଲମିଆ ବିଦ୍ୟା ମନ୍ଦିରରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ବିଦ୍ୟାଳୟର ଶିକ୍ଷକମାନଙ୍କ ସହ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ସମସ୍ତେ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ମାର୍ଗଦର୍ଶନରେ ବିଭିନ୍ନ





ପ୍ରକାରର ଯୋଗାସନ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଡାଲମିଆ ବିଦ୍ୟା ମନ୍ଦିରର ସିଇଓ ଡ. ରୋସେଟା ୱିଲିୟମ୍ସ ଯୋଗର ମହତ୍ତ୍ୱ ବିଷୟରେ କହିଥିଲେ। ପ୍ରତ୍ୟେକ ଦିନ ଯଥାସମ୍ଭବ ଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଜୟଦେବ କର ଯୋଗ ଦିବସର ଶୁଭେଚ୍ଛା ଜଣାଇ କହିଲେ, ଯୋଗ ହେଉଛି ସୁସ୍ଥ ରହିବାର ମୌଳିକ ମନ୍ତ୍ର। ଛାତ୍ରମାନଙ୍କ ଶାରୀରିକ ଏବଂ ମାନସିକ ବିକାଶ ପାଇଁ ଯୋଗ ଏବଂ ପ୍ରାଣାୟାମ ବିଶେଷ ଆବଶ୍ୟକ ବୋଲି କହିଥିଲେ।

ରାଜଗାଙ୍ଗପୁର ଝଗରପୁରସ୍ଥିତ ଡାଲମିଆ ଶିଳ୍ପ ତାଲିମ କେନ୍ଦ୍ର (ଡିଆଇଟିଆଇ)ରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏଥିରେ ଅନୁଷ୍ଠାନର ପରିଚାଳନା କମିଟି ସଦସ୍ୟ ଓମପ୍ରକାଶ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ବିଭିନ୍ନ ଯୋଗାଭ୍ୟାସ ଏବଂ ତାହାର ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ ଯୋଗାଭ୍ୟାସ ଉପରେ ସମ୍ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର କର୍ମଚାରୀ ସମେତ ଛାତ୍ରଛାତ୍ରୀମାନେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

# ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ

ରାଉରକେଲା, ୨୨।୬(ସମିସ)

ରାଉରକେଲାର ସର୍ବପୁରାତନ ଦେବପୀଠ ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସ୍ନାନବେଦିରେ ମହାପ୍ରଭୁ ଶ୍ରୀ ବଳଭଦ୍ର, ଜଗନ୍ନାଥ ଓ ମା' ସୁଭଦ୍ରାଙ୍କ ସ୍ନାନଯାତ୍ରା ତଥା ଗଜାନନ ବେଶ ଶନିବାର ନୀତିକାନ୍ତିରେ ସମ୍ପନ୍ନ ହୋଇଛି। ସ୍ନାନବେଦିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ ପରେ ଗଜ ବେଶ କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ଏହି ଅପୂର୍ବ ବେଶ ଦର୍ଶନ କରିଥିଲେ।

ସକାଳ ୪ଟା ୪୫ରେ ଦ୍ୱାରଫିଟା, ୪ଟା ୫୫ରେ ମଙ୍ଗଳ ଆଳତି, ୫ଟାରେ ସୂର୍ଯ୍ୟପୂଜା, ୫ଟା ୧୫ରେ ଦ୍ୱାରପାଳ ପୂଜା, ୫ଟା ୨୫ରେ ମହାପ୍ରଭୁଙ୍କ ଶ୍ରୀମନ୍ଦିରକୁ ନେତ, ୬ଟା ୧ରେ ରତ୍ନ ସିଂହାସନରୁ ଚକାଛଡ଼ା, ସାଢ଼େ ୬ଟା ସେନାପଟ୍ଟା ଲାଗି, ୮ଟା ୫ରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନବେଦିକୁ ପହଣ୍ଡି ବିଜେ, ୯ଟା ୫ରେ ସ୍ନାନବେଦିରେ ଆଳତି, ୯ଟା ୨୦ରେ ଅଧରପୋଛା, ୯ଟା ୨୫ଟାରେ ସ୍ନାନଜଳ ଅଧିବାସ, ୯ଟା ୪୫ରେ ସ୍ନାନ, ୧୦ଟା ୩୦ରେ ଛେରାପହଁରା, ୧୧ଟାରେ ଉପଚାର ପୂଜା, ୧୧ଟା ୪୫ରେ ସର୍ବସାଧାରଣଙ୍କ ଭୋଗ, ଅପରାହ୍ନ ୧୨ଟା ୩୦ରେ ଠାକୁରଙ୍କ ମଧ୍ୟାହ୍ନ ଧୂପ, ୧ଟା ୧୦ରେ ସ୍ନାନବେଦିରେ ଠାକୁରଙ୍କ ପହୁଡ଼, ସନ୍ଧ୍ୟା ସାଢ଼େ ୬ଟାରେ ସ୍ନାନବେଦିରେ ଗଜାନନ ବେଶ ଦର୍ଶନ, ସନ୍ଧ୍ୟା ୭ଟାରେ ମହାପ୍ରଭୁଙ୍କ ଆଳତି, ରାତି ୧୧ଟାରେ ଠାକୁରଙ୍କ ରାତ୍ରଧୂପ ଓ ୧୧ଟା ୨୫ରେ ଠାକୁରଙ୍କୁ ଅନବସର ଘରକୁ ବିଜେ କରାଯାଇଥିଲା।

**ଶତାଧିକ ଶ୍ରଦ୍ଧାଳୁ କଲେ ଦର୍ଶନ**



ମନ୍ଦିର ସମସ୍ତ ଟ୍ରଷ୍ଟି, ସେବାୟତମାନେ ସମୟ ନିର୍ଘଣ୍ଟ ଅନୁସାରେ ସମସ୍ତ ପୂଜାର୍ଚ୍ଚନା ଓ ନୀତିକାନ୍ତି ସମ୍ପନ୍ନ କରିଥିଲେ। ଆର୍‌ଏସ୍‌ପି ଡିଆଇସି ଅତନୁ ଭୌମିକ ଠାକୁରରାଜା ଦାୟିତ୍ୱ ନିର୍ବାହ କରି ଛେରାପହଁରା କରିଥିଲେ। ସନ୍ଧ୍ୟାରେ ମହାପ୍ରଭୁଙ୍କ ଗଜାନନ ବେଶ ସହ ଭକ୍ତଙ୍କ ପାଇଁ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। ଜୋନାଲ ଡିଏସପି ପୁଷ୍ପାଞ୍ଜଳି ନିଙ୍ଗି ଓ ଥାନା ଇନ୍ସପେକ୍ଟର ପ୍ରତିଭା ମଞ୍ଜରୀ ସାହୁଙ୍କ ତତ୍ତ୍ୱାବଧାନରେ ପୁଲିସ ଟିମ୍ ମନ୍ଦିରରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ସଠିକ୍ ଦର୍ଶନ ନେଇ ଆନୁସଙ୍ଗିକ ସୁବିଧା କରିଥିଲା। ଟ୍ରଷ୍ଟ ସଭାପତି ଗିରିଜା ଶଙ୍କର ଦ୍ୱିବେଦୀଙ୍କ ସମେତ ମିତ୍ରଭାନୁ ପଣ୍ଡା, ସୁଶାନ୍ତ ତ୍ରିପାଠୀ, ସୁଧୀର ସୁନ୍ଦରରାୟ, ପ୍ରଭୁପ୍ରସାଦ ସାହୁ, ରଜତ ଚୌଧୁରୀ ଓ ଷ୍ଟିଅରିଂ କମିଟି ସଦସ୍ୟବୃନ୍ଦ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସେହିପରି ସେବାୟତ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ନାୟକ, ଗୋକୁଳାନନ୍ଦ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନ୍ମଥ ଖଣ୍ଡୁଆଳ, ଶ୍ରୀଧର ବାରିକ, ବିଜୟ କୁମାର ନାୟକ, ଲକ୍ଷ୍ମୀଧର ପାଢ଼ୀ, ନିର୍ମଳ ଜେନା, ସୁବାସ ପାଣିଗ୍ରାହୀ, ଭାଗୀରାଓ ଦୋରା, ଅର୍ଜ୍ଜୁନ ଭୂୟାଁ, ବାଳକୃଷ୍ଣ ପାଣିଗ୍ରାହୀ, ବଂଶୀଧର ସିଓ, ପାଣ୍ଡବ ଚରଣ ସ୍ୱାଇଁ, ଧୀରେନ ବେହେରା, ସୁଦର୍ଶନ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

**ରାଜଗାଙ୍ଗପୁର, ୨୨।୬(ସମିସ):** ଶୁକ୍ରବାର ସନ୍ଧ୍ୟାରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ସହ ଭୀଷଣ ବଜ୍ରପାତ ହୋଇଥିଲା। କାଳବୈଶାଖୀ ପ୍ରଭାବରେ ପବନ, ବର୍ଷା ଓ ବଜ୍ରପାତ ଯୋଗୁଁ ରାଜଗାଙ୍ଗପୁର ଥାନା ରମାବାହାଲ ଆମ୍ବଘାଟ ପାଣିଟାଙ୍କି ଗ୍ରାମର ବେନେଦିତା ବିଲୁଙ୍ଗ (୪୫)ଙ୍କ ମୃତ୍ୟୁ ଘଟିଛି। ବିଲୁଙ୍ଗ ତାଙ୍କ ମା'ଙ୍କ ଘରେ ରହୁଥିଲେ। ବର୍ଷା ଓ ପବନ ଆସିବାରୁ ସେ ବାହାରେ ଶୁଖାଇଥିବା ଲୁଗା ଆଣିବା ପାଇଁ ଯାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ସେ ଆଘାତପ୍ରାପ୍ତ ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ରାଜଗାଙ୍ଗପୁର ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ସ୍ୱାମୀ ରାଜେଶ ବିଲୁଙ୍ଗ ଏ ନେଇ ରାଜଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି।

## ଗଛରେ ଧକ୍କାହେଲା ବାଇକ୍: ଆରୋହୀ ମୃତ



**ରାଉରକେଲା, ୨୨।୬(ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁର୍ଡା ଗ୍ରାମରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତାଳବାହାଲି ପଞ୍ଚାୟତ କିଲିଣ୍ଡା ଗ୍ରାମର ଡେବିଟ ମୁଣ୍ଡା। ଶନିବାର ଅପରାହ୍ନରେ ଡେବିଟ ବାଇକ୍‌ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ଆଣିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଚଳାଇଛି।

## ଏନ୍‌ସିସି ଶିବିରରେ ଡିଏଭି ଛାତ୍ରଛାତ୍ରୀଙ୍କ ଯୋଗଦାନ



**ରାଉରକେଲା, ୨୨।୬(ସମିସ):** ରାଉରକେଲାର ଓଏସ୍‌ଏପି ଫାୟାରିଂ କ୍ୟାମ୍ପରେ ଅନୁଷ୍ଠିତ ଏକ ଫାୟାରିଂ ପ୍ରଶିକ୍ଷଣ ଶିବିରରେ ବାସନ୍ତୀ କଲୋନୀ ଡ. ଏଏନ୍‌କେ ଡିଏଭି ପବ୍ଲିକ ସ୍କୁଲର ଏନ୍‌ସିସି ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟର ୨୮ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଇ ଅଭ୍ୟାସ ମଧ୍ୟ କରିଥିଲେ। ବିଦ୍ୟାଳୟର ଏଏନ୍‌ଓ ଥାର୍ଡ ଅଫିସର ସୌମ୍ୟା ସୁରଭିତା ଗୁରୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଏଭଳି ସୁଯୋଗ ପାଇଥିଲେ। ବିଦ୍ୟାଳୟର ଗ୍ରୀଷ୍ମକାଳୀନ ଛୁଟି ଚାଲିଥିବା ବେଳେ ଏନ୍‌ସିସି ଛାତ୍ରଛାତ୍ରୀମାନେ ନିଜ କୁଶଳତା ଶିକ୍ଷାକରି ଦକ୍ଷତା ପ୍ରଦର୍ଶନ କରିଥିଲେ।

## କୃଷି ବିଭାଗର ପାଚେରି ବିପଦସଙ୍କୁଳ; ମରାମତି ଦାବି

**ବଣାଇଁ, ୨୨।୬(ସମିସ):** ବଣାଇଁ ଆର୍‌ଆଇ ଅଫିସ ଛକ ନିକଟରୁ ମହାବିଦ୍ୟାଳୟକୁ ଯିବା ରାସ୍ତା କଡ଼ରେ ରହିଛି କୃଷି ବିଭାଗ କଲୋନୀ। ହେଲେ କଲୋନୀରେ କର୍ମଚାରୀଙ୍କ କ୍ୱାର୍ଟର୍ସ ଚତୁଃପାର୍ଶ୍ୱରେ ଥିବା ପାଚେରି ଦୀର୍ଘଦିନ ହେବ ଫାଟି ଆଁ କରିଥିବା ବେଳେ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଗୋଟିଏ ପଟକୁ ଢଳି ରହିଛି। ଆଗକୁ ବର୍ଷା ଓ ଝଡ଼ତୋଫାନରେ କେତେବେଳେ ଯେ ଏହା ଭୁଶୁଡ଼ି ନ ପଡ଼ିବ କହିହେଉ ନାହିଁ। ଏହି ରାସ୍ତା ଦେଇ ଦୈନନ୍ଦିନ ଛାତ୍ରଛାତ୍ରୀ ଓ ଜନସାଧାରଣ ଯିବା ଆସିବା କରୁଥିବା ବେଳେ ଏହି ଭଗ୍ନ ପାଚେରି କେତେବେଳେ ପଡ଼ିଯାଇ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି। ତେଣୁ ବେଳ ଥାଉ ଥାଉ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ମରାମତି କିମ୍ବା ତାକୁ ଭାଙ୍ଗି ପୁଣିଥରେ ନିର୍ମାଣ କରିବାକୁ ଦାବି ହେଉଛି।



## ଦିବଂଗତ କଳାକାରଙ୍କ ପରିବାରକୁ ସହାୟତା

**ବଣାଇଁ, ୨୨।୬(ସମିସ):** ବଣାଇଁ ଅଞ୍ଚଳର ଜଣାଶୁଣା ସଂଗଠକ ତଥା ବର୍ଷିଆନ କଳାକାର ରମେଶ ମାଝୀଙ୍କର ଗତ ମେ ୫ ତାରିଖ ପରଲୋକ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବଣାଇଁ କଦମ୍ବ କେଶରୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ତାଙ୍କର ସମସ୍ତ ସାଥୀ କଳାକାରମାନେ ଶୁକ୍ରବାର ତାଙ୍କ ସୁଆରପାଲି ଗ୍ରାମସ୍ଥିତ ଘରକୁ ଯାଇ ରମେଶଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ବିଧବା ପତ୍ନୀଙ୍କୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାର ବରିଷ୍ଠ କଳାକାର ତଥା ଜିଲ୍ଲା ସଂଯୋଜକ ରମେଶ ସୁନା, ବଣାଇଁ କଦମ୍ବ କେଶରୀ ସାଂସ୍କୃତିକ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପଦ୍ମଚରଣ ଆଚାର୍ଯ୍ୟ, ବଣାଇଁ ବ୍ଲକ ସଂଯୋଜକ ଶ୍ରୀମନ୍ତ ମହାକୁଳ, ମିତ୍ରଭାନୁ ପ୍ରଧାନ, ନବକିଶୋର ସାହୁ, ସୁନ୍ଦରମଣି ଦାସ, ଗୀତାଞ୍ଜଳି ମହାନ୍ତ, ରାମକୃଷ୍ଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ସିଲିକନ୍ ଷ୍ଟିଲ୍ ମିଲ୍ ଦ୍ୱାରା ନୂତନ ମାଇଲଖୁଣ୍ଟ ସ୍ଥାପନ



ରାଉରକେଲା, ୨୨।୬(ସମିସ)

ରେକର୍ଡ ପ୍ରଦର୍ଶନର ଧାରାକୁ ବଜାୟ ରଖି ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସିଲିକନ୍ ଷ୍ଟିଲ୍ ମିଲ୍ ଜୁନ୍ ୧୮ ତାରିଖ ୧୨୩୨ ଟନ୍ କୋଲ୍ଡ ରୋଲଡ୍ ଅଣ-ଓରିଏଣ୍ଟେଡ୍ (ସିଆରଏନଓ) ଇସ୍ପାତ ଚାଲାଣ ପୂର୍ବକ ନୂତନ ଏକଦିବସୀୟ ଚାଲାଣ ରେକର୍ଡ ସୃଷ୍ଟି କରିଛି। ୨୦୦୮ ମେ ୮ ତାରିଖ ୧୧୮୮ ଟନ୍ ଇସ୍ପାତ ଚାଲାଣ ବିଭାଗର ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏହି ଉଲ୍ଲେଖନୀୟ ସଫଳତା ରେକର୍ଡ ଅବଧିରେ ୧୭ଟି ୱାଗନ୍ ଏବଂ ୩ଟି ଟ୍ରେଲର ଲୋଡିଂ ସମ୍ପାଦିତ ହୋଇଥିଲା। ଏହି କୃତିତ୍ୱ ନିମନ୍ତେ ବିଭାଗର ଉତ୍ସର୍ଗୀକୃତ ଶିଫ୍ଟ ଦଳ ୧୬ ଘଣ୍ଟାରୁ ଅଧିକ ସମୟ ନିରନ୍ତର କାର୍ଯ୍ୟ କରିଥିଲେ।

ଉଲ୍ଲେଖଯୋଗ୍ୟ, ସିଲିକନ୍ ଷ୍ଟିଲ୍ ମିଲ୍ କେବଳ ଗୋଟିଏ ସିଫ୍ଟ ଏବଂ ସୀମିତ ମାନବ ସମ୍ବଳ ସହିତ କାର୍ଯ୍ୟ କରୁଥିବା ପରିପ୍ରେକ୍ଷୀରେ ଏହି ସଫଳତା ବିଶେଷ ଭାବରେ ଉଲ୍ଲେଖନୀୟ ଅଟେ। ଉତ୍ପାଦନ ଯୋଜନା ଏବଂ ନିୟନ୍ତ୍ରଣ (ପିପିସି) ବିଭାଗ, ରେଳବାଇ ଏବଂ କଣ୍ଟେନର ଲଜିଷ୍ଟିକ୍ସ (ଆରସିଏଲ) ଟ୍ରାଫିକ ଏବଂ ସମସ୍ତ ସହାୟକ ଏଜେନ୍ସିର ସମନ୍ୱିତ ପ୍ରୟାସ ଏହି ମାଇଲଖୁଣ୍ଟ ହାସଲରେ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଏସ୍‌ଏସ୍‌ଏମ୍ ବିଭାଗର ଜିଏମ୍ ଇନ୍-ଚାର୍ଜ ସିଆର ମିଶ୍ର ଏହି ସମନ୍ୱିତ ପ୍ରୟାସ ପାଇଁ ସିଆରଏମ, ଏସଏସଏମ, ପାଇପ ପ୍ଲାଣ୍ଟ ଓ ରୋଲ୍ ସପ୍ ବିଭାଗ ସିଜିଏମ୍ ସୁବ୍ରତ କୁମାର, ଏସଏସଏମ ସାମୂହିକ ତଥା ସମସ୍ତ ସହାୟକ ବିଭାଗ ଯଥା ପିପିସି, ଆରସିଏଲ ଏବଂ ଟ୍ରାଫିକ ଓ କଞ୍ଚାମାଲ ବିଭାଗକୁ ଧନ୍ୟବାଦ ଅର୍ପଣ କରିଛନ୍ତି।



ସୂଚନାଯୋଗ୍ୟ, ଏସଏସଏମ ଶକ୍ତି ନିପୁଣ ଇସ୍ପାତ କୋଲ୍ଡ ରୋଲଡ୍ ଅଣ-ଓରିଏଣ୍ଟେଡ୍ (ସିଆରଏନଓ) ଉତ୍ପାଦନ କରେ ଯାହା ଜେନେରେଟର, ମୋଟର, ରିଲେ, କ୍ଷୁଦ୍ର ଟ୍ରାନ୍ସଫର୍ମର, ଏସି ଇତ୍ୟାଦି ବୈଦ୍ୟୁତିକ ଉପକରଣ ନିର୍ମାଣ ପାଇଁ ଏକ ଅତ୍ୟାବଶ୍ୟକ କଞ୍ଚାମାଲ। ସିଆରଏନଓର ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବା କ୍ଷେତ୍ରରେ ଆରଏସପି ଦେଶର ସର୍ବପ୍ରଥମ ମାନ୍ୟତା ବହନ କରେ।

## ଆର୍‌ଏସ୍‌ପିରେ 'ନେତୃତ୍ୱ ବହନ ଶିଖନ୍ତୁ' ଶୀର୍ଷକ କର୍ମଶାଳା

**ରାଉରକେଲା, ୨୨।୬(ସମିସ):** ଆର୍‌ଏସ୍‌ପିର ଶିକ୍ଷଣ ଏବଂ ବିକାଶ କେନ୍ଦ୍ରରେ 'ନେତୃତ୍ୱ ବହନ ଶିଖନ୍ତୁ ଏବଂ ସମସ୍ତ ପରିସ୍ଥିତିରେ ସଫଳ ହୁଅନ୍ତୁ' ଶୀର୍ଷକ ଏକ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାର ଉଦଘାଟନୀ, ମତାମତ ଏବଂ ଉଦଯାପନୀ କାର୍ଯ୍ୟକ୍ରମରେ ସେଲ କାର୍ମିକ ବିଭାଗର ପୂର୍ବତନ ନିର୍ଦ୍ଦେଶକ ତଥା ଏକ୍ସଲେନ୍ସ ରିଏମ, ଏଚଆର ସଲ୍ୟୁସନ୍ ପ୍ରାଇଭେଟ ଲିମିଟେଡ୍, ଦିଲ୍ଲୀର ପ୍ରୋଗ୍ରାମ ମେଣ୍ଟର ଓ ନିର୍ଦ୍ଦେଶକ ବିବି ସିଂହ ଏବଂ ଏଚଆର ଏଲ ଆଣ୍ଡ ଡି ବିଭାଗ ସିଜିଏମ ରାଜଶ୍ରୀ ବାନାର୍ଜୀ ଅଧ୍ୟକ୍ଷତା କରିବା ସହ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ଅଂଶଗ୍ରହଣକାରୀମାନଙ୍କୁ ନୂତନ ବିକାଶଧାରାକୁ ଗ୍ରହଣ ଓ ଅନୁକରଣ କରିବାରେ ସାହାଯ୍ୟ କରିବା ଏବଂ ଅଭିବୃଦ୍ଧିରେ ଅଂଶଗ୍ରହଣ କରିବାର ଅତୀତର ଦୃଷ୍ଟିକୋଣରୁ ମାନସିକତା ଏବଂ ଆଚରଣ ଦୃଷ୍ଟିରୁ ଅଭିବୃଦ୍ଧିର ଭବିଷ୍ୟତ ଦୃଷ୍ଟିକୋଣକୁ ସ୍ଥାନାନ୍ତର କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏହି ଦୁଇଦିନିଆ କର୍ମଶାଳାରେ ସିଂ ଜଣେ ନେତୃତ୍ୱର ବିଭିନ୍ନ ଗୁଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ ଯାହା ମଧ୍ୟରେ ବିଭିନ୍ନ ସାଇକୋମେଟ୍ରିକ୍ ପରୀକ୍ଷା, କେସ୍ ଷ୍ଟଡି, ମ୍ୟାନେଜମେଣ୍ଟ ଗେମ ଏବଂ ଅମ୍ ଏବଂ ପରିସ୍ଥିତିକୁ ଭଲ ଭାବରେ ବୁଝାମଣା ପାଇଁ ବିଭିନ୍ନ ବ୍ୟକ୍ତିଗତ ଉଦାହରଣ ଦେଇଥିଲେ। ପ୍ରତ୍ୟେକ ଅଧିବେଶନ ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ବିଷୟ ଉପରେ ଅନୁଶୀଳନ ଓ ପ୍ରତିଫଳିତ କରିବା ପାଇଁ ଡିଜାଇନ୍ କରାଯାଇଥିଲା ଯାହା ମଧ୍ୟରେ ଅତୀତ ଏବଂ ଭବିଷ୍ୟତର ଦୃଷ୍ଟିକୋଣ, ଆତ୍ମଧାରଣାର ପ୍ରକୃତ ସ୍ୱରୂପ, ମାନସିକ କାର୍ଯ୍ୟଧାରା ଏବଂ ଆତ୍ମ-ପ୍ରତିଛବି, ମାନସିକତା, ଭାବନା ଏବଂ ଭାବପ୍ରବଣତା, ଲୋକ ନେତୃତ୍ୱର ଗତିଶୀଳତା, ପ୍ରଭାବଶାଳୀ ଯୋଗାଯୋଗ, ମୌଳିକ ନେତୃତ୍ୱ ନୀତି, ଫଳାଫଳ ଆଧାରିତ ଦଳର ଗୁଣ, ଏକୀକୃତ ସଚେତନତା ଏବଂ ଭବିଷ୍ୟତର ନେତୃତ୍ୱ ଆହ୍ୱାନ ଆଦି ସାମିଲ ଥିଲା।



ଶେଷରେ ଅଂଶଗ୍ରହଣକାରୀମାନେ ଏହି କାର୍ଯ୍ୟକ୍ରମରୁ ଲାଭ କରିଥିବା ପ୍ରମୁଖ ଶିକ୍ଷା ବିଷୟରେ ପ୍ରକାଶ କରିଥିଲେ। ଉଭୟ ସ୍ୱାଗତ ତଥା ସମାପ୍ତ ବକ୍ତବ୍ୟରେ ବାନାର୍ଜୀ ଅସ୍ଥିରତା, ଅନିଶ୍ଚିତତା, ଜଟିଳ ଏବଂ ଅସ୍ପଷ୍ଟ ବ୍ୟବସାୟ ଦୃଶ୍ୟ, ଅର୍ଥାତ୍ ଭିୟୁସିଏରେ ପରିବର୍ତ୍ତନ ପାଇଁ ଗ୍ରହଣୀୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଚଆର ଏଲ ଆଣ୍ଡ ଡି ବିଭାଗ ଡେପୁଟି ମ୍ୟାନେଜର ଏସକେ ସୁକୁଳା ଓ ବିଭାଗୀୟ ଦଳଙ୍କ ସହଯୋଗରେ ବିଭାଗର ଏଜିଏମ କେକେ ଜୟସ୍ୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆର୍‌ଏସ୍‌ପି ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ସଚେତନତା କାର୍ଯ୍ୟକ୍ରମ




ରାଉରକେଲା, ୨୨।୬(ସମିସ): ଆରଏସପିର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ (ଓଜିଓଏମ) ଅଧୀନ ବରସୁଆଁ-ତାଲଡିହ ଏବଂ କାଲଟା ଆଇରନ୍ ମାଇନ୍ସର ଠିକା ଶ୍ରମିକଙ୍କ ନିମନ୍ତେ ସିଲିକୋସିସ୍ ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା (ପିଏମଇ)ର ମହତ୍ତ୍ୱ ଉପରେ ଆଧାରିତ ସଚେତନତା କାର୍ଯ୍ୟକ୍ରମ ଟେନସା କ୍ଲବରେ ଆୟୋଜିତ ହୋଇଛି। ଭୁବନେଶ୍ୱର କ୍ଷେତ୍ର-୨ର ଡିଏମଏସ ପିକେ ଠାକୁର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରସୁଆଁ-ତାଲଡିହ-କାଲଟା ମାଇନ୍ସ ବିଭାଗର ଜିଏମ ଇନ ଚାର୍ଜ ତିଲକ ପଟ୍ଟନାୟକ, ବରସୁଆଁ ଆଇରନ ମାଇନ୍ସର ମାଇନିଂ ଜିଏମ ତଥା ମାଇନ୍ସ ମ୍ୟାନେଜର ପିସି ବରୁଆ, ତାଲଡିହ ଆଇରନ୍ ମାଇନ୍ସର ଜେନେରାଲ ମ୍ୟାନେଜର ରାଜେଶ କୁମାର, କାଲଟା ଆଇରନ୍ ମାଇନ୍ସର ସିନିୟର ମ୍ୟାନେଜର ଏବଂ ସୁରକ୍ଷା ଅଧିକାରୀ କେ ଗଡ଼ନାୟକ, ୟୁନିଅନ ପ୍ରତିନିଧି ଯଶୋବନ୍ତ ବେହେରା ତଥା ସମ୍ପୃକ୍ତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୮୦ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ମାନ୍ୟଗଣ୍ୟ ବ୍ୟକ୍ତିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଭୁବନେଶ୍ୱର କ୍ଷେତ୍ର-୨ର ଡିଏମଏସ ଠାକୁର ନିଜ ଅଭିଭାଷଣରେ ସିଲିକୋସିସ୍‌ର ଭୟାବହତା ଉପରେ ଆଲୋକପାତ କରି ଏହାର ପ୍ରତିଷେଧକ ଦିଗ ଉପରେ ବର୍ଣ୍ଣନା କରିବା ସହ ପିଏମଇର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ପ୍ରଯୁଜ୍ୟ ନୀତିନିୟମ ଏବଂ ସର୍କୁଲାରରେ ଧାର୍ଯ୍ୟ ନିର୍ଦ୍ଦେଶନାମା ଅନୁପାଳନ କରିବାର ମହତ୍ତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ତିଲକ ପଟ୍ଟନାୟକ ତାଙ୍କ ସ୍ୱାଗତ ଅଭିଭାଷଣରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ମହତ୍ତ୍ୱ ଉପରେ ବର୍ଣ୍ଣନା କରିଥିବାବେଳେ ପି ବରୁଆ ଏହାର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ବରିଷ୍ଠ ଡିଭିଜନାଲ ମେଡିକାଲ ଅଫିସର (ବିଆଇଏମ୍ ହସ୍ପିଟାଲ୍) ଡା. ସଞ୍ଜୟ ସୋରେଙ୍ଗ ଏହି ପ୍ରସଙ୍ଗରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ପିସି ବରୁଆ ସିଲିକୋସିସ୍‌ର ସ୍ୱାସ୍ଥ୍ୟ ପ୍ରଭାବ ଏବଂ ପ୍ରାଥମିକ ଚିହ୍ନଟ ଏବଂ ପ୍ରତିରୋଧରେ ପର୍ଯ୍ୟାୟକ୍ରମେ ଡାକ୍ତରୀ ପରୀକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବର୍ଣ୍ଣନା କରିଥିଲେ। ଖଣି-ତାଲଡିହ ଆଇରନ୍ ମାଇନ୍ ଏଜିଏମ୍ କେ ତିୱାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବରସୁଆଁ ଆଇରନ୍ ମାଇନ୍ସର ଏଜିଏମ୍ ଏବଂ ସୁରକ୍ଷା ଅଧିକାରୀ ଏସ୍‌କେ ପରିଡ଼ା ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଡିଆଇଜିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ବିଧାୟକ



**ରାଉଲକେଲା, ୨୨।୬(ସମିସ):** ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଶନିବାର ରାଉଲକେଲା ଡିଆଇଜି ବ୍ରିଜେଶ କୁମାର ରାୟଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ଡିଆଇଜି ରାୟ ବିଧାୟକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହାସହ ଆଇନଶୃଙ୍ଖଳା ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ। ଥାନାକୁ ନ୍ୟାୟ ପାଇଁ କିମ୍ବା ଅଭିଯୋଗ କରିବାକୁ ଯାଉଥିବା ଲୋକଙ୍କୁ ପୁଲିସ ନମ୍ର ବ୍ୟବହାର କରିବାକୁ ଉପଯୁକ୍ତ ପଦକ୍ଷେପ ନେବାକୁ ବିଧାୟକ ଅନୁରୋଧ କରିଥିଲେ। ଜନତା ପୁଲିସଠାରୁ ସହଯୋଗ ଓ ନ୍ୟାୟ ପାଇବା ଆଶାରେ ଯାଇଥାନ୍ତି। ଜନତାଙ୍କୁ ସାହାଯ୍ୟ ଓ ସହଯୋଗ ବଦଳରେ ହଇରାଣ ଓ ହରକତ କରା ନ ଯିବା ଉପରେ ଦୃଷ୍ଟି ଦେବାକୁ କହିଥିଲେ। ନୂତନ ବିଜେପି ସରକାର ଜନତାଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବାକୁ ବଦ୍ଧପରିକର। ରାଷ୍ଟ୍ର ସର୍ବୋପରି ଜନସାଧାରଣ ନୂତନ ସରକଙ୍କଠାରୁ ବହୁତ କିଛି ଆଶା ରଖିଛନ୍ତି। ଏଣୁ ଆଇନଶୃଙ୍ଖଳା ପରିସ୍ଥିତି ସର୍ବଦା ଉତ୍ତମ ରହିବା ଆବଶ୍ୟକ ବୋଲି ବିଧାୟକ ମତ ପ୍ରକାଶ କରିଥିଲେ।

ଡିଆଇଜି ଏହା ଉପରେ ଦୃଷ୍ଟିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତକାର ସମୟରେ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଶଶାଙ୍କ ଜେନା, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ମିଶ୍ର, ରାଜକିଶୋର ଭଞ୍ଜ, କୃଷ୍ଣଚନ୍ଦ୍ର ତନ୍ତୀ, ଟିକେଶ୍ୱର ତାଣ୍ଡିଆ, ଚେତନ ନାୟ, କୈଳାସ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ବିଧାୟକ

ରାଉଲକେଲା, ୨୨।୬(ସମିସ)



ନବନିର୍ବାଚିତ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଶନିବାର ସକାଳ ୮ଟାରେ ଅଚାନକ ତିଳକାନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ପ୍ରିମେଶ ମିଶ୍ର ବିଳମ୍ବରେ ଆସି ପହଞ୍ଚିଥିଲେ। ବିଧାୟକ ତନ୍ତୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ଅବସରରେ କର୍ମଚାରୀଙ୍କ ସହିତ ଆଲୋଚନା କରିବା ସହ ରୋଗୀମାନଙ୍କୁ ବିବିଧ ସମସ୍ୟା ଉପରେ ପଚାରି ବୁଝିଥିଲେ। ପରେ ସେ ଡା. ମିଶ୍ରଙ୍କ ସହ ସ୍ୱାସ୍ଥ୍ୟକେନ୍ଦ୍ରର ବିବିଧ ସମସ୍ୟା ଉପରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ସଠିକ୍ ସମୟରେ ଖୋଲିବା ସହ ସବୁ କର୍ମଚାରୀ ଉପସ୍ଥିତ ରହି ସରକାରଙ୍କ ନିୟମ ମାନି କାର୍ଯ୍ୟ କରିବାକୁ ବିଧାୟକ କହିଥିଲେ। ଜନତାଙ୍କ ସେବାରେ କୌଣସି ଅବହେଳା ନ କରିବାକୁ ପରାମର୍ଶ ଦେଇଥିଲେ। ମୌଳିକ ସେବାରେ କୌଣସି ତ୍ରୁଟିକୁ ବରଦାସ୍ତ କରାଯିବ ନାହିଁ ବୋଲି ସତର୍କ କରାଇଥିଲେ। ପରେ ସେ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସବୁ କ୍ଲାସରୁମ୍, ଟଏଲେଟ୍, ବାଥରୁମ ଆଦି ବୁଲି ଦେଖିଥିଲେ। ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନ୍ୟ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ବାରମ୍ବାର ବିଜୁଳି ବିଭ୍ରାଟ, ପାଣି ସମସ୍ୟା, କର୍ମଚାରୀଙ୍କ ପାଇଁ କୌଣସି ଟଏଲେଟ୍ ନ ଥିବା ଦର୍ଶାଇଥିଲେ। ଏ ଦିଗରେ ସେ ଅଧିକାରୀମାନଙ୍କ ସହ କଥାହୋଇ ଉଚିତ୍ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଏହି ଅବସରରେ ସେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ପରେ ବନ୍ଧମୁଣ୍ଡା ଜଗନ୍ନାଥ ମନ୍ଦିର, ସେକ୍ଟର-୩ ଶ୍ରୀ ଶ୍ରୀ ହରିହର ଜଗନ୍ନାଥ ମନ୍ଦିର, ଫର୍ଟିଲାଇଜର ଜଗନ୍ନାଥ ମନ୍ଦିର ଓ ଲାଠିକଟା ମନ୍ଦିର ଯାଇ ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଜନତାଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ। ଭକ୍ତମାନଙ୍କୁ ଭେଟି ତାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ବିଧାୟକଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାନେତ୍ରୀ ଲତିକା ପଟ୍ଟନାୟକ, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ମିଶ୍ର, ଅଶୋକ ହାଲୱାଇ, ଲଖନ ଲୋହର, ଗୋପାଳ ଚୌଧୁରୀ, ପଙ୍କଜ ଚୌଧୁରୀ, ରବି ଦୟାଲ, ମଞ୍ଜୋକ୍ ସିଂ, ମୁକେଶ ପ୍ରଜାପତି, ପ୍ରହ୍ଲାଦ ତନ୍ତୀ, ସିଲା ପାତ୍ର, ସବିତା ସିଂ, ମାନସ ପ୍ରଧାନ, ମୋହନ ରାୟ, ବାସନ୍ତୀ ରଜାକ, କୈଳାସ ତନ୍ତୀ, ଲଖନ ପ୍ରସାଦ, କୃଷ୍ଣଚନ୍ଦ୍ର ତନ୍ତୀ, ଟିକେଶ୍ୱର ତାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

# କାକାର ବ୍ୟାଙ୍କ ଆକାଉଣ୍ଟରୁ ୫ ଲକ୍ଷ ଟଙ୍କା ନେଇଥିଲା ପୁତୁରା; ବାନ୍ଧିଲା ପୁଲିସ

ବଲାଙ୍ଗିର, ୨୨।୬(ସମିସ)

କାକାର ଅଜାଣତରେ ପୁତୁରା ମନଇଚ୍ଛା ବ୍ୟାଙ୍କରୁ ଉଠାଉଥିଲା ଟଙ୍କା। ପୁତୁରା ବୋଲି ବିଶ୍ୱାସର ସୁଯୋଗ ନେଇ ୫ ଲକ୍ଷ ଟଙ୍କା ନେଇ ଶେଷରେ ପୁଲିସ ହାତରେ ଧରାପଡ଼ିଛି। ଏଭଳି ଏକ ଘଟଣା ବଲାଙ୍ଗିର ଜିଲ୍ଲା ସଦର ଥାନା ଅନ୍ତର୍ଗତ ଚୂଡ଼ାପାଲି ଗ୍ରାମରେ ଘଟିଛି। ଗିରଫ ଅଭିଯୁକ୍ତ ହେଲେ ଚିତ୍ତରଞ୍ଜନ ଓରଫ ଦଶରଥ ଧରୁଆ। ତା ପାଖରୁ ବାଇକ୍, ଦୁଇଟି ମୋବାଇଲ, ଦୁଇଟି ସିମ୍ କାର୍ଡ, ତା ଆଧାର କାର୍ଡ ସମେତ ଏକ ନକଲି ଆଧାର କାର୍ଡ ଜବତ କରାଯାଇଥିବା ସାଇବର ପୁଲିସ ସୂଚନା ଦେଇଛି। ସୂଚନାନୁଯାୟୀ, ଗତ ୧୧ ତାରିଖ ଦିନ ପୂର୍ଣ୍ଣ ଧରୁଆ(୬୫) ଚୂଡ଼ାପାଲି ଏସବିଆଇ ଶାଖାରେ ଥିବା ତାଙ୍କର ବ୍ୟାଙ୍କ ଆକାଉଣ୍ଟରୁ ୫ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଥିବା ଅଭିଯୋଗ କରିଥିଲେ। ତାଙ୍କ ରିପୋର୍ଟର ମାମଲା ପଞ୍ଜିକୃତ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଅନୁସନ୍ଧାନ ସମୟରେ ଦଶରଥ ଟଙ୍କା ହେରଫେର କରିଥିବା ଜଣାପଡ଼ିଥିଲା। ଦଶରଥ ହେଉଛି ପୂର୍ଣ୍ଣ ଧରୁଆଙ୍କ ସମ୍ପର୍କୀୟ ପୁତୁରା। ୨୦୧୪ରେ ଦଶରଥଙ୍କ ସାହାଯ୍ୟ ନେଇ ପୂର୍ଣ୍ଣ ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ଚୂଡ଼ାପାଲିର ଏସବିଆଇ ଶାଖାରେ ଏକ ସେଭିଂ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ। ଟଙ୍କା ଉଠାଇବା ଓ ଜମା କରିବା ବେଳେ ତାଙ୍କର ସହଯୋଗ ନେଉଥିଲେ। ତେଣୁ ଏହାର ଫାଇଦା ଉଠାଇ ଦଶରଥ ୫ ଲକ୍ଷ ଟଙ୍କା ଟ୍ରାନ୍ସଫର କରି ନେଇଥିଲା। ତେବେ ଦଶରଥକୁ ସାଇବର ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

# ସିକିଲ୍‌ସେଲ୍ ରୋଗ ସମ୍ପର୍କିତ କର୍ମଶାଳା

**ମୁରିବାହାଲ, ୨୨।୬(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟରେ ଗୁରୁବାର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସିକିଲ୍‌ସେଲ୍ ରୋଗ ସମ୍ପର୍କିତ ପାକ୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ନାୟକ ଅଧ୍ୟକ୍ଷତା କାର୍ଯ୍ୟକ୍ରମରେ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରମେଶ କୁମାର ଅଗ୍ରୱାଲ ମୁଖ୍ୟଅତିଥି ରୂପେ ଉପସ୍ଥିତ ରହି ସିକିଲସେଲ ରୋଗର କାରଣ, ଲକ୍ଷଣ, ନିରାକାର ଓ ସହ ସଚେତନତା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ମାନସ ରଞ୍ଜନ ଦଳାଇ, ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉକ୍ତ ରୋଗ ପାଇଁ ସତର୍କତା ରହିବା, ନିରୋଗୀ ହେବା ଓ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ହେବାକୁ ଶିବିରର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇ ଥିଲେ। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଧିକାରୀ ଛନ୍ଦା ଚରଣ ଖୁଣ୍ଟିଆ ପରିଚାଳନା କରିଥିବା ବେଳେ ଅଦ୍ଧାପକ ପୂର୍ଣ୍ଣଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



## ■ ସାର୍ବଜନୀନ ପଡ଼ିଆରେ ଘର ନିର୍ମାଣକୁ ବିରୋଧ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ




**ନୂଆପଡ଼ା, ୨୨।୬(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ ବୁଢ଼ିପାଲି ପଞ୍ଚାୟତ ଜେଞ୍ଜରା ଗାଁର ସାର୍ବଜନିକ ଗୋବର୍ଦ୍ଧନ ସରକାରୀ ପଡ଼ିଆ ଜମିରେ ବେଆଇନ ଘର ନିର୍ମାଣକୁ ଗାଁ ଲୋକେ ବିରୋଧ କରିଛନ୍ତି। ଗ୍ରାମବାସୀ ଏହାକୁ ବିରୋଧ କରି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ ଜେଞ୍ଜରା ଗାଁର ଗୋବର୍ଦ୍ଧନ ପଡ଼ିଆରେ ଗାଁ ଲୋକେ ସାମୂହିକ ଭାବେ ବର୍ଷ ତମାମ ଖେଳ ଖେଳିବା ସହ ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଛନ୍ତି। ଏହି ସରକାରୀ ଜମି ମଝିରେ ଗାଁର ଲକ୍ଷ୍ମୀରାଜ ପାହାରେ ନାମକ ଜଣେ ବ୍ୟକ୍ତି କୋଠାଘର ନିର୍ମାଣ କରୁଛନ୍ତି। ଫଳରେ ଗାଁ ଲୋକେ ସାମୂହିକ ପୂଜାପାର୍ବଣ ଓ ଗାଈ ଚରାଇବାରେ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ଗାଁଲୋକେ ବାରମ୍ବାର ବୈଠକ କରି ସମାଧାନ କରିବାକୁ ଚେଷ୍ଟା କରିଥିଲେ। ଗ୍ରାମବାସୀ ଉକ୍ତ ସଭାକୁ ଲକ୍ଷ୍ମୀରାଜଙ୍କୁ ସମାଧାନପାଇଁ ଡାକିଥିଲେ ବି ଆସି ନ ଥିଲେ। ସରକାରୀ ତଥା ସାର୍ବଜାନିକ ଜମିରେ ବେଆଇନ ଗୃହନିର୍ମାଣ ଉଚ୍ଛେଦ କରିବାକୁ ପ୍ରସନ୍ନ କୁମାର ପାଢ଼ୀଙ୍କ ସମେତ ବୁଢ଼ିପାଲି ସରପଞ୍ଚ ବୋଧନଙ୍କର ସାହୁ, ସମିତି ସଭ୍ୟା କୁମ୍ବିବାଈ ସାହୁ, ୱାର୍ଡମେମ୍ବର ସୁବାସ ସାହୁ, ପବନ ପଟେଲ, ତାରାଚନ୍ଦ ପଟେଲ, ଭୁବନଲାଲ ସାହୁ, ପରମେଶ୍ୱର ସାହୁ, ତେସକୁମାର ସାହୁ, ଲାଲାରାମ ସାହୁ ପ୍ରମୁଖ ଦାବି କରିଛନ୍ତି। ଏହା ଉପରେ ତଦନ୍ତକରି ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# ବୋଲେରୋ ସହ ୧୨୦ କେଜି ଗଞ୍ଜେଇ ଜବତ

**ବୌଦ୍ଧ, ୨୨।୬(ସମିସ):** ବୌଦ୍ଧ ଥାନା ଜଗଦୀଶପୁର ଛକ ନିକଟରୁ ବୋଲେରୋ ସହ ୧୨୦ କେଜି ଗଞ୍ଜେଇ ଜବତ କରିଛି ବୌଦ୍ଧ ଆଦର୍ଶ ଥାନା ପୁଲିସ। ଏକ ବଲେରୋରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଜଗଦୀଶପୁର ଛକ ନିକଟରେ ବୌଦ୍ଧ ପୁଲିସ୍ ଯାଞ୍ଚ କରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ଗାଡ଼ିରୁ ବାହାରିଥିବା ଗଞ୍ଜେଇ ୧୨୦ କେଜି ହୋଇଥିଲା। ଅଭିଯୁକ୍ତ ବାଉଁଶୁଣୀ ଥାନା ମଲ୍ଲିକପଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ସାହୁ ବୋଲି ପୁଲିସ ଚିହ୍ନଟ କରିଥିବା ବେଳେ ସେ ଫେରାର ମାରିଛି। ପୁଲିସ୍ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।



# ସଇଁତଳା ଅଞ୍ଚଳରେ ଅଜଣା ଅଚିହ୍ନା ଫେରିବାଲାଙ୍କ ସଂଖ୍ୟା ବଢୁଛି

**ସଇଁତଳା, ୨୨।୬(ସମିସ):** ସଇଁତଳା ବ୍ଲକ ଅଞ୍ଚଳରେ ଫେରିବାଲାଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। କଲିକତାରୁ ଫେରିବାଲାମାନେ ନିଜ ପରିବାର ସହ ଆସି ଏଠାରେ ଘର ଭଡ଼ା ନେଇ ଗାଁକୁ ଗାଁ ବୁଲି ବିଭିନ୍ନ ସାମଗ୍ରୀ ବିକ୍ରି କରୁଛନ୍ତି। ସେମାନଙ୍କ ଭାଷା ମଧ୍ୟ ବୁଝିବାରେ କଷ୍ଟକର ହେଉଥିବାବେଳେ ଅଧିକାଂଶ ସମୟରେ ହିନ୍ଦି କହି ଓ ସ୍ଥାନୀୟ ଭାଷା ଶିଖି ସେହି ଭାଷାରେ ଲୋକଙ୍କୁ ସାମଗ୍ରୀ ବିକ୍ରି କରୁଛନ୍ତି। ଦିନକୁ ଦିନ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି। କୋଭିଡ ବେଳେ କିଛି ଫେରିବାଲା ସଇଁତଳା ଅଞ୍ଚଳକୁ ଆସି ବିଭିନ୍ନ ସ୍ଥାନରେ ଘର ଭଡ଼ା ନେବା ସହ ବସବାସ କରି ଗାଁକୁ ଗାଁ ବୁଲି ସସ୍ତା ସାମଗ୍ରୀ ବିକ୍ରୟ କରୁଥିଲେ। ଧୀରେ ଧୀରେ ସେମାନେ ତାଙ୍କ ଅଞ୍ଚଳରୁ ଅନ୍ୟମାନଙ୍କୁ ଏଠାକୁ ଆଣି ତାଙ୍କ ପାଇଁ ଭଡ଼ା ଘର ଯୋଗାଡ଼ କରି ନିଜ ପାଖରେ ରଖିଲେ। ପରେ ସେମାନଙ୍କୁ ସେଠାରେ ବ୍ୟବସାୟ କରିବାକୁ ପ୍ରର୍ବତ୍ତାଇଲେ। ବର୍ତ୍ତମାନ ସେମାନଙ୍କ ସଂଖ୍ୟା ବଢ଼ିବାସହ କିଠି ଫେରିବାଲା ବିଭିନ୍ନ ଅସାଧୁ ଉପାୟ କରି ଆଧାର କାର୍ଡ ହାତେଇବା ସହ ଭୋଟର ପ୍ରମାଣପତ୍ର ମଧ୍ୟ ହାତେଇ ସାରିଛନ୍ତି। ବେଲଗାଁରେ ରହୁଥିବା କିଛି ବାହାର ଅଞ୍ଚଳର ଫେରିବାଲା କୋଭିଡ ବେଳେ ଆସି ପାଲ ପକାଇ ରହୁଥିଲେ। ସେମାନେ କିଛି ବର୍ଷ ରହିବାପରେ ନିଜ ଆଧାର କାର୍ଡ କରିବା ସହ ପ୍ରଶାସନ ତରଫରୁ ମିଳୁଥିବା ମାଗଣା ଜମି ପାଇଁ ଆବେଦନ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଅଞ୍ଚଳରେ ଫେରିବାଲାମାନେ ଦିନରେ ବିଭିନ୍ନ ସାମଗ୍ରୀ ବିକ୍ରୟ କରିବା ସହ ରାତିରେ ଚୋରି କରୁଥିବା ସାଧାରଣ ଲୋକମାନେ ଅଭିଯୋଗ କରୁଛନ୍ତି। ସଇଁତଳା ବ୍ଲକ ଅଞ୍ଚଳରେ କେତେଜଣ ଫେରିବାଲା ରହୁଛନ୍ତି ଏବଂ ସେମାନେ କେଉଁ ଅଞ୍ଚଳରୁ ଆସି ଏଠାରେ ବସବାସ କରୁଛନ୍ତି ତାର କୌଣସି ସୂଚନା ପୁଲିସ କିମ୍ବା ପ୍ରସାଶନ ନିକଟରେ ନାହିଁ। ପ୍ରଶାସନ ତରଫରୁ ତୁରନ୍ତ ଦୃଷ୍ଟି ଦେଇ ଫେରିବାଲାଙ୍କ ପ୍ରକୃତ ପରିଚୟ ତଥା ସେମାନେ କେଉଁ ଉଦ୍ଦେଶ୍ୟରେ ଏହି ଅଞ୍ଚଳରେ ବସବାସ କରୁଛନ୍ତି ତାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ବୋମା ବିସ୍ଫୋରଣ; ବୃଦ୍ଧା ସହ ୩ ଆହତ

ଶଗଡ଼ା, ୨୨।୬(ସମିସ): ବୋମା ସଂସ୍ପର୍ଶରେ ଆସି ଜଣେ ବୃଦ୍ଧାଙ୍କ ସହ ୩ ଜଣ ଆହତ ହୋଇଥିବା ଜଣାପଡ଼ିଛି। କଣ୍ଟାମାଳ ଥାନା ସାନଝାରମୁଣ୍ଡା ଗ୍ରାମରେ ଜଣକ ଘରେ ରଖିଥିବା ବୋମା ସଂସ୍ପର୍ଶରେ ଆସି ବିସ୍ଫୋରଣ ହୋଇ ଜଣେ ବୃଦ୍ଧାଙ୍କ ସହ ୨ ନାତୁଣି ଆହତ ହୋଇଥିଲେ। ଏମାନେ ଘରେ ଶୋଇଥିବା ବେଳେ ଘର ଛପର ଉପରେ ଥିବା ଆଜବେଷ୍ଟସ ମଝିରେ ରଖାଯାଇଥିବା ବୋମାଟି କୌଣସି କାରଣରୁ ବିସ୍ଫୋରଣ ଘଟିଥିବା ଆନୁମାନ କରାଯାଉଛି।



ଉକ୍ତ ବୋମାଟି ବାରହା ମାରିବା ଉଦ୍ଦେଶ୍ୟରେ ରଖିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ଏପଟେ ଆହତ ବୃଦ୍ଧାଙ୍କ ସହ ଦୁଇ ନାତୁଣିଙ୍କୁ ଉଦ୍ଧାର କରି କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ପାଇ ଘଟଣାସ୍ଥଳରେ କଣ୍ଟାମାଳ ପୁଲିସ ତଦନ୍ତ କରୁଥିବା ଜଣାପଡ଼ିଛି।

# ଅବହେଳିତ ହୋଇ ପଡ଼ିରହିଛି ଅଙ୍ଗନବାଡ଼ି କେନ୍ଦ୍ର

**ମୁରିବାହାଲ, ୨୨।୬(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଚନାବାହାଲ ପଞ୍ଚାୟତ ଅନ୍ତର୍ଗତ ସାଲେପଡ଼ା ଗ୍ରାମର ଅଙ୍ଗନବାଡି କେନ୍ଦ୍ର ଅର୍ଦ୍ଧ ନିର୍ମିତ ଭାବେ ପଡ଼ି ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଅଙ୍ଗନବାଡି ଶିଶୁ ଥିବାବେଳେ ତାଙ୍କ ବସିବା ଓ ପଢ଼ିବା ପାଇଁ ଗୃହଟିଏ ନଥିବାରୁ ଅସୁବିଧାର ସମୁଖୀନ ହେଉଛନ୍ତି କୁନିକୁନି ଛାତ୍ରଛାତ୍ରୀ। ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ ଟଙ୍କା ଆସିଲା ହେଲେ ତିଆରି ଅଧା ଅଧୁରା ରହିଗଲା। ୪ ବର୍ଷ ହେଲା ଏହି ଅଙ୍ଗନବାଡି କେନ୍ଦ୍ର ଏମିତି ଅଧାଅଧୁରା ଅବହେଳିତ ହୋଇ ପଡ଼ିରହିଛି। ଠିକାଦାର କିଏ ଓ କାହିଁକି ଏତେ ଦିନ ହେଲା କାମ ସମ୍ପୂର୍ଣ୍ଣ ହୋଇ ନାହିଁ ବୋଲି ପ୍ରଶାସନକୁ ପ୍ରଶ୍ନ ପଚାରିଛନ୍ତି ଗ୍ରାମବାସୀ। ଏ ବିଷୟରେ ବିଡିଓଙ୍କୁ ପଚାରିବାରୁ ତଦନ୍ତ କରି ଅତିଶୀଘ୍ର ସମାଧାନ କରାଯିବ ବୋଲି ସେ ମତପ୍ରକାଶ କରିଥିଲେ। ଅଭିଯୋଗ ବେଳେ ଗ୍ରାମର ବୀମଳା କୁମ୍ଭାର, ବୟେଦେଇ ସଗରିଆ, ପଣ୍ଡିତ ବନଛୋର, ସତ୍ୟବାନ ଦୀପ, ନରେନ୍ଦ୍ର ବନଛୋର, ଅନିରୁଦ୍ଧ କଟାର, ଜଗବନ୍ଧୁ ହଂସ, ବାସନ୍ତୀ ନିଆଲ୍, ମଧୁ ନିଆଲ ଏବଂ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଓଷ୍ଟାପକ୍ଷରୁ ଏ-ୱାନ୍ ଛାତ୍ରଙ୍କୁ ସମ୍ବର୍ଦ୍ଧନା



**ନୂଆପଡ଼ା/ଖଡ଼ିଆଲ, ୨୨।୬(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଲ କ୍ଷତ୍ରୀୟ ସମାଜ ଭବନଠାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଷ୍ଟା ନୂଆପଡ଼ା ଜିଲ୍ଲା ଶାଖାପକ୍ଷରୁ ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-ୱାନ ଗ୍ରେଡ ହାସଲ କରିଥିବା ବେଲଟୁକୁରି ହାଇସ୍କୁଲର ଜୟ ପ୍ରକାଶ ସାହୁ, ସିଆଲଟି ହାଇସ୍କୁଲର ଶକ୍ତି ରଞ୍ଜନ ବିଶ୍ୱାଳ ଓ ସିଙ୍ଗଝର ହାଇସ୍କୁଲର ତ୍ରିବିକ୍ରମ ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଛାତ୍ରମାନଙ୍କ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ମଧ୍ୟ ଓଷ୍ଟାପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ବୈଠକରେ ଓଷ୍ଟା ଜିଲ୍ଲା ଉପ ସଭାପତି ଭରତ ଚନ୍ଦ୍ର ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲ୍ଲା ଓଷ୍ଟା ସଭାପତି ବନବିହାରୀ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା କାର୍ଯ୍ୟକାରି ସଭାପତି ସୁଶାନ୍ତ କୁମାର ବିଶି, ଜିଲ୍ଲା ସମ୍ପାଦକ ରବୀନ୍ଦ୍ର ନାଥ ଯୋଷୀ, ଓଷ୍ଟା କାର୍ଯ୍ୟକାରି ସଭ୍ୟ ପ୍ରଦୀପ୍ତ କୁମାର ଯୋଷୀ, ବରିଷ୍ଠ ଶିକ୍ଷକ ଅଶ୍ୱନୀ କୁମାର ଯୋଷୀ, ପ୍ରଦୀପ କୁମାର ପତି, ଦେବାନନ୍ଦ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଦିଲୀପ କୁମାର ନାୟକ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଚତୁର୍ଭୁଜ ସିଂ ଦେଓ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଗଣଶିକ୍ଷା ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କେସିଙ୍ଗା, ୨୨।୬(ସମିସ):** ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ କଳାହାଣ୍ଡି ଜିଲ୍ଲା କେସିଙ୍ଗାଠାରେ ନଗର ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କେସିଙ୍ଗା ଏନ୍‌ଏସି ସଭାଗୃହ ଠାରେ ମନ୍ତ୍ରୀଙ୍କୁ ଜିଲ୍ଲାଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦର୍ ଓ କେସିଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ଆନନ୍ଦ କୁମାର ବେହେରାଙ୍କ ସମେତ ଅଞ୍ଚଳର ଶିକ୍ଷକମାନେ ସ୍ୱାଗତ କରିବା ସହ ନିଜର ବିଭିନ୍ନ ସମସ୍ୟା ବିଷୟରେ ଜଣାଇଥିଲେ। ପରେ କେସିଙ୍ଗା ସାମ୍ବାଦିକ ମହାସଂଘ ପକ୍ଷରୁ ସଭାପତି ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ସଂଘର ସାମ୍ବାଦିକମାନେ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ, ବିଜେପି ନଗର ସଭାପତି ସତ୍ୟବ୍ରତ ଦାସ, ସଞ୍ଜୟ ଅଗ୍ରୱାଲ, ପ୍ରତାପ ବାଗ, ଯୁବନେତା ପିଙ୍କୁ ପରିଡ଼ା ଓ ଅରୁଣ



ମଗନ ସିନ୍ଦୂର, ପୂର୍ବତନ ନଗରପାଳ ସରିତା ସିନ୍ଦୂର, ସନ୍ତୋଷ ଦାସ, ପୂର୍ବତନ ସଭାପତି ଅଗ୍ରୱାଲ, କାଉନସିଲର ଧରଣୀଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲ୍ୟବିବାହ ରୋକିଲା ପ୍ରଶାସନ

**ନୂଆପଡ଼ା, ୨୨।୬(ସମିସ):** ନୂଆପଡ଼ା ଭଳି ଉପାନ୍ତ ଜିଲ୍ଲାରେ ବାଲ୍ୟ ବିବାହ ଉପରେ ରୋକ ଲଗାଇବାରେ ପ୍ରଶାସନ ବିଶେଷ ସଫଳତା ହାସଲ କରିଛି। ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ବାଦି ପଞ୍ଚାୟତର ଜୁନାନୀ ଗ୍ରାମରେ ଗୁରୁବାର ଏକ ବାଲ୍ୟ ବିବାହକୁ ବନ୍ଦ କରିଛି ନୂଆପଡ଼ା ଜିଲ୍ଲା ପ୍ରଶାସନ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିଆରସିଂହ ଓ ଖଡ଼ିଆଳ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମୀନା କୁମାରୀ ଅଗ୍ରୱାଲଙ୍କ ସମେତ ଏକ ଟିମ୍ ଜୁନାନୀ ଗ୍ରାମକୁ ଯାଇ ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏକ ବିବାହକୁ ବନ୍ଦ କରିଛନ୍ତି। ପରିବାରଙ୍କ ସହ ଟିମ ଆଲୋଚନା କରି ବାଲ୍ୟ ବିବାହର ଅପକାରିତା ସମ୍ପର୍କରେ ଆଲୋଚନା କରି ବିବାହକୁ ବନ୍ଦ କରାଯାଇଥିଲା। ଜୁନାନୀ ଗ୍ରାମର କପୁରଚନ ପଟେଲଙ୍କ ପୁଅ ବିରେନ୍ଦ୍ର ପଟେଲ(୧୯)ଙ୍କ ବିବାହ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଜଣେ ୧୮ ବର୍ଷର ଯୁବତୀଙ୍କ ସହ ବିବାହ ସ୍ଥିର ହୋଇଥିଲା। ଆସନ୍ତା ୨୬ ତାରିଖ ଦିନ ବିବାହ ସ୍ଥିର ହୋଇଥିବା ବେଳେ କୌଣସି ସୂତ୍ରରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଆସି ବିବାହକୁ ବନ୍ଦ କରିଛନ୍ତି। ପୁଅକୁ ୨୧ ବର୍ଷ ପୂର୍ବରୁ ଓ ଝିଅକୁ ୧୮ ବର୍ଷ ପୂର୍ବରୁ ବିବାହ କରାଇବା ଆଇନ ଅନୁଯାୟୀ ଅସିଦ୍ଧ ଓ ଶାରୀରିକ ମାନସିକ ଦୃଷ୍ଟିରୁ ମଧ୍ୟ ଠିକ୍ ନୁହେଁ ବୋଲି ବର ଏବଂ କନ୍ୟା ପକ୍ଷର ପିତାମାତା ଓ ସମ୍ପର୍କୀୟଙ୍କୁ ବୁଝାଇଥିଲେ। ବିରେନ୍ଦ୍ର ୨୧ ବର୍ଷର ହେଲେ ବିବାହ କରି ପାରିବେ ବୋଲି ଶିଶୁ ସୁରକ୍ଷା ଅଧିକାରୀ ବୁଝାଇଥିଲେ। ପରିବାର ଲୋକେ ମଧ୍ୟ ଏହି ପ୍ରସ୍ତାବକୁ ମାନିବା ସହ ବିବାହକୁ ବନ୍ଦ କରିବାର ନିଷ୍ପତ୍ତି ନେଇଥିଲେ।





# ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା

**ବଲାଙ୍ଗିର, ୨୨।୬(ସମିସ):** ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ସନ୍ତରଣଗାରରେ ବଲାଙ୍ଗିର ଜିଲ୍ଲା ସନ୍ତରଣ ସଂଘ ତରଫରୁ ଦୁଇଦିନିଆ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ବିଜୟନନ୍ଦ ସେଠି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ପରାସର ବାଗ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୧୫୦ରୁ ଉର୍ଦ୍ଧ୍ୱ ଖେଳାଳି ଯୋଗଦେଇ ଥିଲେ। ୪ଟି ବର୍ଗରେ ୩୪ଟି ଇଭେଣ୍ଟ ଫିନା ନିୟମ ଆଧାରରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସନ୍ତରଣ ସଂଘ ଉପ ସଭାପତି ତଥା ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ସନ୍ତରଣ କୋଚ୍ ନରେଶ ପ୍ରଧାନ, ସୁରେଶ ପ୍ରଧାନ, ତରୁଣ ସେଠ, ବାଳକୁମାର ମିଲୁଆର, ସିମରନ ବେହେରା, ଶୈଳେନଦ୍ରୀ ବରର୍ତ୍ତି, କ୍ରୀଡ଼ା ଶିକ୍ଷକ ବୁଦ୍ଧିରାଜ ବିଶ୍ୱାଳ, ସୁଦର୍ଶନ ସେଠ, ସତ୍ୟନାରାୟଣ ପଟେଲ, ରାଜକୁମାର ପାଣିଗ୍ରାହୀ, ସ୍ୱପ୍ନା ସେଠ, ଖିତେଶ୍ୱର ବିଶ୍ୱାସ, ପୁରେନ୍ଦ୍ରର ସେଠ, ବନିତା ପଟେଲ, ସସ୍ମିତା ଗଡ଼ତିଆ, ବୀରେନ୍ଦ ସୁନା, ବିଭୁତି ସ୍ୱାଇଁ ଓ ରାମରାଣୀ ନାଏକ ପ୍ରମୁଖ ଯୋଗଦେଇ ଥିଲେ।

# ବର୍ଷା ପରେ ଚାଷୀ ତତ୍ପର, ଆଗେଇଛି ଧାନବୁଣା

ସିନାପାଲି, ୨୨।୬(ସମିସ)

ମୌସୁମୀ ବର୍ଷାର ଆଗମନ ପରେ ଚାଷୀ ତତ୍ପର ହୋଇ ଉଠିଛି। ଚାଷୀ ନିଜ ବିଲରେ ହଲ ନଙ୍ଗଳ କରି ଧାନବୁଣା କାର୍ଯ୍ୟ ଆରମ୍ଭ କରିଛି। ଚାଷୀ ଭଲ ଅମଳ ଆଶା ରଖିଥିବାବେଳେ ମନ ଦେଇ ନିଜର କାର୍ଯ୍ୟ ଆଗେଇଛି। ଗତବର୍ଷ ଆଶାନୁରୂପ ବର୍ଷା ହୋଇ ନ ଥିବାବେଳେ ଚାଷୀ ଯାହା ଚାହିଁ ଥିଲା ତାହା ଠାରୁ କମ୍ ଧାନ ଅମଳ କରିଥିଲା। ବ୍ୟୟ ତୁଳନାରେ ଖର୍ଚ୍ଚ କମ ହୋଇଥିଲା। ହେଲେ ଚଳିତ ବର୍ଷ ଭଲ ଅମଳ ଆଶା ନେଇ ଚାଷ କାର୍ଯ୍ୟକୁ ଆଗେଇ ନେଇଛି। ଚଳିତ ବର୍ଷ ସିନାପାଲି କୃଷି ବିଭାଗ ପକ୍ଷରୁ ସଠିକ ଆକଳନ ହୋଇ ନ ଥିବାବେଳେ ୧୪ହଜାର ହେକ୍ଟର ଜମିରେ ଧାନ ଚାଷ ଓ ୧୩ ହଜାର ୨୨୫ ହେକ୍ଟର ଜମିରେ ଅଣ ଧାନ ଚାଷ ହେବ ବୋଲି ଜଣାପଡ଼ିଛି। କେତେ ଜମିରେ ବୁଣା ଧାନ, ରୁଆ ଓ ବେଉଷଣ ହେବ ତାହାର ସଠିକ ଆକଳନ କରାଯାଇ ନାହିଁ। ଏହା ଜିଲ୍ଲାସ୍ତରୀୟ ଷ୍ଟାଟେଜି ବୈଠକ ରେ ଜଣାପଡ଼ିବ ବୋଲି ଜଣାପଡ଼ିଛି। ସିନାପାଲି ବ୍ଲକ ଅଞ୍ଚଳର ଚାଷୀ ବିଭିନ୍ନ ଧାନ ବିହନ କେନ୍ଦ୍ର ଓ ସରକାରୀ ବିହନ କେନ୍ଦ୍ର, ସେବା ସମବାୟ ସମିତି, ବେସରକାରୀ ଜରିଆରେ ଧାନକିଣି ବୁଣାକାର୍ଯ୍ୟ ଆରମ୍ଭ କରିଛି।



## ସୀମାନ୍ତରେ ୪ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି,୨୨।୬(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକୁମାରେ ମାଓଗଡ଼କୁ ଧକ୍କା ଲାଗିଛି। ସୁକୁମା ପୁଲିସ ନିକଟରେ ୪ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସମର୍ପଣକାରୀଙ୍କ ମଧ୍ୟରେ ୨ଜଣ ମହିଳା ଓ ୨ଜଣ ପୁରୁଷ ଅଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ଦୀର୍ଘ ଦିନ ଧରି ମାଓ ସଂଗଠନ ସହିତ ଜଡ଼ିତ ରହିଥିବା ବେଳେ ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପ ଓ ହିଂସାକାଣ୍ଡରେ ଜଡ଼ିତ ଥିଲେ। ମାଓ ସଂଗଠନ ନିଜର ପୂର୍ବ ନୀତି ଆଦର୍ଶ ହରାଉଥିବା ଏବଂ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ସେମାନେ ଆତ୍ମସମର୍ପଣ କରିଛନ୍ତି ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସେମାନଙ୍କୁ ଆର୍ଥିକ ସହାୟତା ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ସୁକୁମା ଏସ୍‌ପି କିରଣ ଚୌହାନ କହିଛନ୍ତି।

## ଗୁଣୁପୁର କୋର୍ଟରେ ମାଓନେତା ସବ୍ୟସାଚୀ ପଣ୍ଡା ହାଜର

**ଗୁଣୁପୁର,୨୨।୬ (ସମିସ):** ରାୟଗଡ଼ା ଜିଲ୍ଲା ଗୁଣୁପୁର ଏଡିଜେ କୋର୍ଟରେ ମାଓନେତା ସବ୍ୟସାଚୀ ପଣ୍ଡା ଶନିବାର ହାଜର ହୋଇଛନ୍ତି। ବ୍ରହ୍ମପୁର ଜେଲରୁ ତାଙ୍କୁ ଗୁଣୁପୁର କୋର୍ଟକୁ ଅଣାଯାଇଥିଲା। ତାଙ୍କ ନାମରେ ୪ଟି ମାମଲାରେ ସାକ୍ଷ୍ୟ ଗ୍ରହଣ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। କିନ୍ତୁ କୌଣସି ସାକ୍ଷୀ ସାକ୍ଷ୍ୟ ପ୍ରଦାନ ପାଇଁ ଆସି ନ ଥିଲେ। ଫଳରେ ସାକ୍ଷ୍ୟ ଗ୍ରହଣ ହୋଇ ନ ଥିଲା। ଆସନ୍ତା ୧୦ ତାରିଖରେ ଦୁଇଟି ଏବଂ ୧୭ ତାରିଖରେ ଆଉ ଦୁଇଟି ମାମଲାର ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ତାଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି।

■ ଏମ୍‌କେସିଜି କ୍ୟାମ୍ପସରୁ ଡାକ୍ତରଙ୍କୁ ଉଠାଇନେଲା ପୁଲିସ

## ୟୁଜି ଓ ପିଜି ଛାତ୍ରସଂଘର ବିକ୍ଷୋଭ

**ବ୍ରହ୍ମପୁର, ୨୨।୬(ସମିସ):** ଏମ୍‌କେସିଜି ମେଡିକାଲ କଲେଜର ଜଣେ ସିନିୟର୍ ରେସିଡେଣ୍ଟଙ୍କୁ ପୁଲିସ୍ ଉଠାଇନେବା ଘଟଣାକୁ ଉଭୟ ୟୁଜି ଓ ପିଜି ଡାକ୍ତରୀ ଛାତ୍ରସଂଘ ପକ୍ଷରୁ ବିରୋଧ କରାଯାଇଛି। ଏହାର ପ୍ରତିବାଦରେ ଶନିବାର ଉଭୟ ସଂଘ ପକ୍ଷରୁ ଏମ୍‌କେସିଜି ମେଡିକାଲ କଲେଜ ଡିନ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୁଲିସ ପ୍ରଥମେ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା କଥା। କିନ୍ତୁ ପୁଲିସ ତାହା ନକରି ଜଣେ ଅପରାଧୀ ଭଳି ଡାକ୍ତରଙ୍କୁ ଉଠାଇ ନେବା ଅନୁଚିତ ବୋଲି ସଂଘ ଯୁକ୍ତି ବାଢ଼ିଛି। ତେବେ ଏନେଇ ଆସନ୍ତା ସୋମବାର ବ୍ରହ୍ମପୁର ଏସ୍‌ପିଙ୍କ ସହ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ଡିନ୍ ଡ଼ା. ସୁଚିତ୍ରା ଦାଶ କହିଛନ୍ତି।

■ କ୍ୟାମ୍ପସର ସୁରକ୍ଷା ନେଇ ପ୍ରଶ୍ନ ଉଠାଇଲା ସଂଘ
■ ଏସ୍‌ପିଙ୍କ ସହ ଆଲୋଚନା ହେବ: ଡିନ୍

ଅପରପକ୍ଷେ, ଏହି ଘଟଣାକୁ ନେଇ ଭାରପ୍ରାପ୍ତ ଡିନ୍ ପ୍ରଫେସର୍ ଡା. ସୁଚିତ୍ରା ଦାଶଙ୍କ ସହ ଉଭୟ ସଂଘର କର୍ମକର୍ତ୍ତାଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପ-ଅଧ୍ୟକ୍ଷ ପ୍ରଫେସର୍ ଡା. ଦୁର୍ଗାମାଧବ ଶତପଥୀ, ଆନାଟୋମି ବିଭାଗୀୟ ମୁଖ୍ୟ ଡା. ଜେ.ସାଗର ପୃଷ୍ଟି, ଶଲ୍ୟବିଭାଗ ମୁଖ୍ୟ ପ୍ରଫେସର୍ ଡା. ଶିବପ୍ରସାଦ ଦାଶ ଉପସ୍ଥିତ ଥିଲେ। ବୈଠକରେ ଡାକ୍ତରୀ ଛାତ୍ରଛାତ୍ରୀ ଓ ଡାକ୍ତରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା।

ସୂଚନାନୁଯାୟୀ, ବୈଦ୍ୟନାଥପୁର ଥାନା ପୁଲିସ୍ ଶୁକ୍ରବାର ରାତ୍ରିରେ ମେଡିକାଲର ଜଣେ ସିନିୟର୍ ରେସିଡାଣ୍ଟଙ୍କୁ ପିଜି କ୍ୟାଣ୍ଟିନରୁ ଉଠାଇ ନେଇଥିଲା। ଏହି ଘଟଣା ପ୍ରଘଟ ହେବା ପରେ ଡାକ୍ତରୀ ଛାତ୍ରଛାତ୍ରୀମାନେ ତାହାକୁ ବିରୋଧ କରିଥିଲେ। ଯଦି ଡାକ୍ତରଙ୍କ କିଛି ତ୍ରୁଟି ଥିଲା, ତେବେ

ଲୁହ ଦେଉଛି ଜୀବନରେଖା

## ବଂଶଧାରା ଆଁରେ ହଜାର ହଜାର ଏକର ଚାଷ ଜମି

**କାଶୀନଗର, ୨୨।୬ (ସମିସ):** ଗଜପତି ଜିଲ୍ଲା କାଶୀନଗର ଦେଇ ପ୍ରବାହିତ ହେଉଛି ବଂଶଧାରା ନଦୀ। ବାଲିଘାଟ ମାଧ୍ୟମରେ ଉକ୍ତ ନଦୀ ଦ୍ୱାରା ଓଡ଼ିଶା ସରକାର ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ଆଦାୟ କରୁଛନ୍ତି। ନଦୀ ପାର୍ଶ୍ୱରେ ତିନୋଟି ମେଗା ପ୍ରକଳ୍ପ ରହିଛି; ଏଥିପାଇଁ ଚାଷ ଜମିକୁ ପାଣି ମିଳୁଛି। କିନ୍ତୁ ଗଜପତିବାସୀଙ୍କ ଜୀବନରେଖା ପାଲଟିଥିବା ଏହି ବଂଶଧାରା ଏବେ ବହୁ ଚାଷୀଙ୍କ ଆଖିର ଲୁହର କାରଣ ହେଉଛି। ହଜାର ହଜାର ଏକର ଚାଷ ଜମି ଏହି ନଦୀ ଗର୍ଭରେ ଲୁପ୍ତ ହୋଇଗଲାଣି।

୧୯୮୦ ବନ୍ୟା ବେଳେ ବଂଶଧାରା ନଦୀ ଗତିପଥ ପରିବର୍ତ୍ତନ ହେବାରୁ ନଦୀ କୂଳରେ ଥିବା ବହୁ ଚାଷ ଜମି ନଦୀ ଗର୍ଭକୁ ଚାଲି ଯାଇଥିଲା। ସେତେବେଳେ କାଶୀନଗର ବ୍ଲକର ଜନସାଧାରଣ ଘର ପରିବାର ହରାଇବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସେ ସମୟ ମନେ ପକାଇଲେ, ପ୍ରତ୍ୟକ୍ଷଦର୍ଶୀଙ୍କ ଏବେ ବି ଲୋମଟାଙ୍କୁରି ଉଠେ। କିନ୍ତୁ ଦୁଃଖ ସେତିକିରେ ସୀମିତ ରହିନଥିଲା, ଏହା ପରଠାରୁ କ୍ରମେ ନଦୀ କଡ଼ର ଚାଷ ଜମି ଉଭେଇ ଯାଉଛି। ଏକର ଏକର ଚାଷ ଜମି କ୍ଷୟ ହୋଇଗଲାଣି। ଜମି ସଂକୁଚିତ ହେବା ଫଳରେ କୃଷି ଉତ୍ପାଦନ କମିବାରେ ଲାଗିଛି। ଜମିର ପରିମାଣ କେବଳ ଜମିପଟ୍ଟାରେ ସୀମିତ ରହିଛି। ପ୍ରକୃତରେ ଆଉ କ୍ଷେତ ନାହିଁ। ଏହାକୁ ନେଇ ଚିନ୍ତାରେ ଭାରାକ୍ରାନ୍ତ କାଶୀନଗର ବ୍ଲକ ବଂଶଧାରା ନଦୀ କୂଳର ଅନେକ ଗାଁ ଲୋକେ।

କାଶୀନଗର ସହର ଓ କିଡ଼ିଗାଁ ସମେତ ଖାଣ୍ଡବା ପଞ୍ଚାୟତର ପାଲସିଂ, ଖାଣ୍ଡବା, ସାରା, ବାଡିଗାଁ, ପୁରୁଟିଗୁଡା ଏବଂ ବୁଦୁରା ପଞ୍ଚାୟତର ଗୌରୀ,



ଭାନ୍ନା, କିତିଙ୍ଗି, ବଥବା, ବୁଦୁରା, ଇଦୁଡି ଆଦି ଗ୍ରାମ ବଂଶଧାରା ନଦୀ ଉପକୂଳର ଅବସ୍ଥିତ। ନଦୀର ଗତିପଥ ପରିବର୍ତ୍ତନ ଫଳରେ ଖରସ୍ରୋତା ଏହିସବୁ ଗାଁ ପଟର କୂଳ ଖାଇବାରେ ଲାଗିଛି। ପ୍ରତିବର୍ଷ ନଦୀବଢ଼ି ଅବା ବନ୍ୟା ଆସିଲେ ୨୦ରୁ ୩୦ ଫୁଟ କୂଳ ଲଙ୍ଘି ନଦୀରେ ଲୀନ ହୋଇ କ୍ଷୟ ପାଉଛି ଚାଷଜମି। ଚାଷୀଙ୍କ ପୂର୍ବର ଚାଷଜମିର ପରିମାଣ କ୍ରମେ ହ୍ରାସ ପାଉଛି। ପ୍ରାକୃତିକ ଦୁର୍ବିପାକରେ କ୍ଷତିଗ୍ରସ୍ତ ହୋଇ ଆସୁଛନ୍ତି ନଦୀ କୂଳବର୍ତ୍ତୀ ଚାଷୀ। ସେମାନଙ୍କ କୃଷି ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ଫଳରେ ପରିବାରର ଜୀବିକା ସଙ୍କଟାପନ୍ନ ଅବସ୍ଥାରେ ପହଞ୍ଚିଛି। ଏହାକୁ ନେଇ ଚିନ୍ତା ବ୍ୟକ୍ତ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କ୍ଷତିଗ୍ରସ୍ତ ଚାଷୀ।

ଅପରପକ୍ଷେ ନଦୀ ଆରପଟ ଆନ୍ଧ୍ର ପକ୍ଷରୁ ସ୍ଥାନେ ସ୍ଥାନେ ଆଡ଼ିବନ୍ଧ ନିର୍ମାଣ କରାଯାଉଥିବାରୁ ଜଳସ୍ରୋତ ଓଡ଼ିଶା କୂଳମୁହାଁ ହୋଇଥିବା ଅଭିଯୋଗ ହେଉଛି। ବଂଶଧାରା ନଦୀ ସ୍ରୋତରେ ଲୀନ ହେଲାଣି ଏହି ସବୁ ଗାଁ ଗୁଡ଼ିକର ଏକର ଏକର ଚାଷ ଜମି। କିନ୍ତୁ କିଂକର୍ତ୍ତବ୍ୟମୂଢ଼ ହୋଇ ରହିଛନ୍ତି କ୍ଷତିଗ୍ରସ୍ତ ପରିବାର। ଏସବୁ ଆଧାରକୁ ଦୃଷ୍ଟିରେ ରଖି କାଶୀନଗର ତହସିଲର ନଥିପତ୍ରକୁ ନଜର ପକାଇଲେ, ପ୍ରକୃତ ସ୍ଥିତି ଚକିତ କରୁଛି। ଉଦାହରଣ ସ୍ୱରୂପ ଓଡ଼ିଶା ସୀମାର କାଶୀନଗର ଅନ୍ତର୍ଗତ ଆଭିଳାମା ମୌଜାର ଅନେକ ପଦର ଜମି ନଦୀ ଆରପଟ ଅର୍ଥାତ୍ ଆନ୍ଧ୍ର ପରିସୀମାରେ ରହିଛି। ମନେ ହେଉଛି ସତେଯେମିତି ଓଡ଼ିଶାର ରାଜସ୍ୱ ଏଠି ହଜିଯାଇଛି। ଏ ସମ୍ପର୍କରେ

■ ଆନ୍ଧ୍ର ଆଡ଼ିବନ୍ଧ ପାଇଁ ଜଳସ୍ରୋତ ଓଡ଼ିଶାମୁହାଁ
■ କ୍ଷତିଗ୍ରସ୍ତ ଚାଷୀଙ୍କ ଦୁଃଖ ବୁଝିବାକୁ କେହି ନାହିଁ

ଦୃଷ୍ଟି ଆକର୍ଷଣ କରିବା ପରେ ୨୦୦୩ ମସିହାରେ ଦିବଂଗତ ପାରଳାଖେମୁଣ୍ଡି ବିଧାୟକ ତ୍ରିନାଥ ସାହୁଙ୍କ ନେତୃତ୍ୱରେ ନିଜ ଅଧିକାରକୁ ଆଣି ଆମ୍ବ କାଜୁ ଓ ବିଭିନ୍ନ ଚାରାରୋପଣ କରିଥିଲେ ପଟ୍ଟାଧାରୀ। କିନ୍ତୁ ଦୀର୍ଘ ବର୍ଷ ଧରି ଏଠାରେ ହାତୀଙ୍କ ଆଡ୍ଡାସ୍ଥଳୀ, ନଦୀ ପାର ହୋଇ ଜମି ଚାଷ କରିବା କଷ୍ଟକର ହେଉଥିବାରୁ କାଳକ୍ରମେ ଏହା ଆନ୍ଧ୍ରର କବଜାରେ ରହିଥିବା କହିଛନ୍ତି ବହୁ ବୁଦ୍ଧିଜୀବୀ।

## ଝାଡ଼ଖଣ୍ଡରୁ ପ୍ରଘଟ ହୋଇଥିଲା ନିଟ୍ ପ୍ରଶ୍ନପତ୍ର

**ପାଟନା, ୨୨।୬ (ଏଜେନ୍ସି):** ନିଟ୍-ନେଟ୍ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ରାଜନୀତି ସରଗରମ ରହିଛି। ପରୀକ୍ଷାରେ ଜାଲିଆତି ବନ୍ଦ କରିବାରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏବଂ ସରକାରଙ୍କ ବିଫଳତାକୁ ନେଇ ବିରୋଧୀ ତୀବ୍ର ସମାଲୋଚନା କରୁଛନ୍ତି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ବିପଦରେ ପକାଇବାକୁ ନେଇ ଏବଂ ପରୀକ୍ଷା ବାତିଲ ଦାବିରେ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏହି କ୍ରମରେ କିଛି ଛାତ୍ର ସଂଗଠନ କେନ୍ଦ୍ରମନ୍ତ୍ରୀ ଜି କିଶନ ରେଡ୍ଡୀଙ୍କ ହାଇଦରାବାଦ ସ୍ଥିତ ବାସଭବନ ଆଗରେ ଶନିବାର ସକାଳେ ପ୍ରତିବାଦ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଘରେ ଧସେଇ ପଶିବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ଏହା ମଧ୍ୟରେ ଝାଡ଼ଖଣ୍ଡ ପୁଲିସ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଦେଓଘରରୁ ୬ ଜଣଙ୍କୁ ଗିରଫ କରିଛି। ଏମାନଙ୍କୁ ବିହାରର ରାଜଧାନୀ ପାଟନାକୁ ନିଆଯିବ। ଝାଡ଼ଖଣ୍ଡରୁ ହିଁ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବାର ପ୍ରମାଣ ମିଳିଛି ବୋଲି ଉଭୟ ରାଜ୍ୟର ପୁଲିସ ପକ୍ଷରୁ କୁହାଯାଇଛି।

ବିହାର ପୁଲିସ ସୂଚନା ଅନୁଯାୟୀ ମେ' ୫ରେ ନିଟ୍ ପରୀକ୍ଷା ହୋଇଥିଲା। ଏହି ସମୟରେ କିଛି ଛାତ୍ରଛାତ୍ରୀଙ୍କ ପାଖରେ ଏବଂ ପରୀକ୍ଷା କେନ୍ଦ୍ର ନିକଟରେ ପୂର୍ବରୁ ପ୍ରଶ୍ନପତ୍ର ପହଞ୍ଚି ଯାଇଥିବା ସୂଚନା ମିଳିଥିଲା। ସେଠାରେ ଛାତ୍ରଛାତ୍ରୀଙ୍କୁ ଉତ୍ତର ଘୋଷା ଯାଉଥିବା କୁହାଯାଇଥିଲା। ପୁଲିସ ପହଞ୍ଚି କେନ୍ଦ୍ର ନିକଟରୁ ଜଳି ଯାଇଥିବା ପ୍ରଶ୍ନପତ୍ର ପାଇଥିଲା। ବୁକଲେଟ ନଂ ୬୧୩୬୪୮୮ ଥିବା ଏକ ପ୍ରଶ୍ନପତ୍ର ସେଠାରୁ ଜବତ କରାଯାଇଥିଲା। ଏହି ବୁକ୍‌ଲେଟ ହଜାରିବାଗ କେନ୍ଦ୍ରର ଥିଲା ବୋଲି ସୂଚନା ମିଳିଛି। ତେଣୁ ଝାଡ଼ଖଣ୍ଡରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା କୁହାଯାଉଛି। ଏବେ ଏହି ତଦନ୍ତର ନେତୃତ୍ୱ

● ଚିଣ୍ଟୁ, ପିଣ୍ଟୁ, ପିଙ୍କୁ, ବିଟ୍ଟୁ, କାଜୁ ସମେତ ୬ ଗିରଫ
● ସୁପ୍ରିମକୋର୍ଟରେ ପଞ୍ଚମ ଆବେଦନ

ନେଉଥିବା ଯାଞ୍ଚ ଏଜେନ୍ସିର ମୁଖିଆ ଦିଲ୍ଲୀରେ ଅଛନ୍ତି। ଏ ପର୍ଯ୍ୟନ୍ତ ତଦନ୍ତରୁ ମିଳିଥିବା ସୂଚନା ବିଷୟରେ ଏନ୍‌ଟିଏ ଏବଂ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛନ୍ତି। ମାତ୍ର ଏ ସମ୍ପର୍କରେ ଯାଞ୍ଚ ଏଜେନ୍ସି ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦିଆଯାଇ ନାହିଁ। ଝାଡ଼ଖଣ୍ଡ ପୁଲିସର ସୂଚନା ଅନୁଯାୟୀ ଗିରଫ ୬ ଜଣଙ୍କ ମଧ୍ୟରେ ବିହାର ନାଳନ୍ଦା ଜିଲ୍ଲାର ପରମଜିତ ସିଂହ ଓରଫ ବିଟ୍ଟୁ, ଚିଣ୍ଟୁ ଓରଫ ବଳଦେବ କୁମାର, କାଜୁ ଓରଫ ପ୍ରଶାନ୍ତ କୁମାର, ଅଜିତ କୁମାର, ରାଜୀବ କୁାର ଓରଫ କାରୁ ଏବଂ ପିଣ୍ଟୁ ସାମିଲ ଅଛନ୍ତି। ଏମାନେ ସମସ୍ତେ ଅଭିଯୁକ୍ତ ଜୁହୁ ସିଂହ ଘରେ ରହିଥିଲେ। ଏ ପର୍ଯ୍ୟନ୍ତ ହୋଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି ଯେ ନୁରସରାୟ ଉଦ୍ୟାନ କଲେଜର କର୍ମୀ ସଞ୍ଜୀବ ମୁଖିଆ ପ୍ରଶ୍ନ ପତ୍ର ପ୍ରଘଟ କରିଥିବା ଗୋଷ୍ଠୀର ମାଷ୍ଟରମାଇଣ୍ଡ। ସେ କିଛି ମାସ ହେଲା ଏ ନେଇ ଷଡ଼ଯନ୍ତ୍ର ରଚୁଥିଲା। ଜଣେ ପ୍ରଫେସର ସଞ୍ଜୀବ ପାଖକୁ ହ୍ୱାଟସଆପ୍‌ରେ ପ୍ରଶ୍ନପତ୍ର ପଠାଇ ଥିଲେ। ଏହା ପରେ ପାଟନା ଏବଂ ରାଞ୍ଚିର ମେଡିକାଲ ଛାତ୍ରଛାତ୍ରୀଙ୍କ ସହାୟତାରେ ପ୍ରଶ୍ନପତ୍ରକୁ ସମାଧାନ କରାଯାଇଥିଲା। ସମାଧାନ ହେବା ପରେ ମେ' ୫ ତାରିଖ ସକାଳେ ଏହାକୁ କରାୟପରସୁରାୟର ଚିଣ୍ଟୁ ମୋବାଇଲକୁ ପଠା ଯାଇଥିଲା। ତେବେ ଯାଞ୍ଚ ଏଜେନ୍ସି ପ୍ରଫେସର ବିଷୟରେ କୌଣସି ସୂଚନା ଦେଇନାହିଁ।

ଚିଣ୍ଟୁ କହିବା ପରେ ହିଲାସାର ପିଣ୍ଟୁ ଏହାର ପ୍ରିଣ୍ଟ ବାହାର କରିଥିଲା। ପରେ ସକାଳ ୯ଟାରେ ଖେମନିଚକ ସ୍ଥିତ ବନ୍ଦ ପଡ଼ିଥିବା 'ଲର୍ଣ୍ଣ ଆଣ୍ଡ ପ୍ଲେ ସ୍କୁଲ୍'ର ହଷ୍ଟେଲରେ ରହିଥିବା ୨୦-୨୫ ଛାତ୍ରଛାତ୍ରୀଙ୍କୁ ଘୋଷିବା ପାଇଁ ପ୍ରଶ୍ନପତ୍ର ଦେଇଥିଲା। ଜେଲ୍ ପଠା ଯାଇଥିବା ଆଶାୟୀଙ୍କ ଉତ୍ତର ଖାତାରୁ ଜଣାପଡ଼ିଛି ଯେ ଏମାନେ କେବଳ ଗୋଟିଏ ବିଷୟର ଉତ୍ତର ଘୋଷି ପାରିଥିଲେ। କାରଣ ସେହି ବିଷୟରେ ହିଁ ଅଧିକ ମାର୍କ ରଖିଥିଲେ। ଏହା ପୂର୍ବରୁ ପରୀକ୍ଷା ଦିନ ମେ' ୫ ତାରିଖରେ ଅଭିଷେକକୁ ପରୀକ୍ଷା କେନ୍ଦ୍ରରୁ ଗିରଫ କରାଯାଇଥିଲା। ଏହି ଦିନ ତା ବାପା ଅବଧେଶକୁ ମଧ୍ୟ ଧରା ଯାଇଥିଲା। ସେ ରାଞ୍ଚି କାକୋର ବାସିନ୍ଦା। ୨୦୧୨ ପୂର୍ବରୁ ଅନ୍ୟତମ ଅଭିଯୁକ୍ତ ସିକନ୍ଦର ରାଞ୍ଚିରେ ଠିକାଦାର ଥିଲା। ଅବଧେଶ ତାର ଆକାଉଣ୍ଟାଣ୍ଟ ରହିଥିଲା। ୨୦୧୨ରେ ସିକନ୍ଦର ବିହାରରେ ସରକାରୀ ଜେଇ ହୋଇ ଯାଇଥିଲା। ଏହା ପରେ ରାଞ୍ଚିରେ ଜମି କାରବାର କରିଥିଲା। ସେ ୧୨ ବର୍ଷରେ କୋଟି କୋଟି ଟଙ୍କାର ସମ୍ପତ୍ତି ଅର୍ଜନ କରିଛି। ତା ପୁଅ ଏମ୍‌ବିବିଏସ କରିସାରିଛି। ପୁଲିସ ସୂଚନା ଅନୁଯାୟୀ ସିକନ୍ଦରର ବେଆଇନ ଟଙ୍କାକୁ ଅବଧେଶ ରାଞ୍ଚିର ଜମି କାରବାରରେ ଲଗାଇ ଥିଲା। ସେ ହିଁ ପ୍ରଶ୍ନପତ୍ର ପ୍ରଘଟ ପାଇଁ ଟଙ୍କା ଯୋଗାଉ ଥିଲା। ଏ ପର୍ଯ୍ୟନ୍ତ ଏହି ମାମଲାରେ ୧୯ ଜଣଙ୍କୁ ଗିରଫ କରାଗଲାଣି।

ଅନ୍ୟପକ୍ଷରେ ଏହି ମାମଲାକୁ ନେଇ ସୁପ୍ରିମକୋର୍ଟରେ ପଞ୍ଚମ ଆବେଦନ କରାଯାଇଛି। ଏଥିରେ ନିଟ୍ ୟୁଜି ପରୀକ୍ଷା ଜାଲିଆତିର ସିବିଆଇ-ଇଡି ତଦନ୍ତ ଦାବି କରାଯାଇଛି। ଏହା ସହିତ ପରୀକ୍ଷା ରଦ୍ଦ କରିବାକୁ ନିବେଦନ ହୋଇଛି। ସେହିପରି ଯାଞ୍ଚ ଅଗ୍ରଗତି ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ୧୦ ଛାତ୍ରଛାତ୍ରୀ ଆବେଦନରେ ଅନୁରୋଧ କରିଛନ୍ତି।

# ଅବଶିଷ୍ଟାଂଶ...

## ସରିଲା ଦିବ୍ୟସ୍ନାନ...

ବିଳମ୍ବ ହୋଇଥିଲେ ହେଁ ହାତୀବେଶ ବେଳକୁ ସଅଳ ଚାଲଥିଲା। ତେବେ ସୁରୁଖୁରରେ ଶେଷ ହୋଇଛି ରଥଯାତ୍ରାର ଏହି ଆଦ୍ୟ ପର୍ବ।

ଆରମ୍ଭରୁ ୪୦ମିନିଟ୍ ନୀତି ବିଳମ୍ବ ହୋଇଥିଲା। ଭୋର ୪ଟା ୩୦ରେ ମଙ୍ଗଳାର୍ପଣ ସମୟ ରହିଥିବା ବେଳେ ଭୋର ୫ଟା ୧୦ରେ ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ବିଜେ କାହାଳୀ ବାଜି ଭୋର୍ ୫ଟା ୨୦ରେ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ। ଧାଡ଼ି ପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନମଣ୍ଡପକୁ ବିଜେ କରିଥିଲେ। ସକାଳ ୭ଟା ସୁଦ୍ଧା ପହଣ୍ଡି ଶେଷ ହେବାକୁ ନୀତି ନିର୍ଘଣ୍ଟ ହୋଇଥିବା ବେଳେ ଏଥିରେ ୪୫ମିନିଟ୍ ବିଳମ୍ବ ଅର୍ଥାତ୍ ୭ଟା ୪୫ରେ ପହଣ୍ଡି ସରିଥିଲା। ରୁନ୍ଧା ବଢ଼ିବା ପରେ ମଦନମୋହନ ସକାଳ ୮ଟା ୧୫ରେ ବିଜେ କରିଥିଲେ। ମଦନମୋହନଙ୍କୁ ମହାଜନ ସେବକ ସ୍ନାନମଣ୍ଡପକୁ ବିଜେ କରାଇଥିଲେ। ସକାଳ ୮ଟା ୩୫ରେ ସ୍ନାନବେଦୀରେ ହୋଇଥିଲା ମଙ୍ଗଳ ଆଳତି। ମଇଲମ, ତଡ଼ପଲାଗି, ଅଧରପୋଛା ନୀତି ସରି ୯ଟା ୪୦ରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ରୋଷହୋମ ବଢ଼ି ପୂର୍ବାହ୍ନ ୧୦ଟା ୨୫ରେ ଠାକୁରଙ୍କ ବେଶ ସରିଥିଲା। ପୂର୍ବରୁ ସୁନା ଗୋସାଇଁ ସୁନା କୂଅରୁ ୧୦୮ ଗଡ଼ୁ ଜଳ ଆଣି ଜଳ ଗୃହରେ ରଖିଥିଲେ। ସେଥିରେ ଚନ୍ଦନ, କର୍ପୂର, ଅଗୁର, ସୁଗନ୍ଧିତ ପୁଷ୍ପ ପକାଯାଇ ଅଧିବାସ କରାଯାଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରେ ଗରାବଡୁ ସେବକମାନେ ବାଘମୁହାଁ ବାନ୍ଧି ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ଲାଗି ଅଧିବାସ ଜଳ ସ୍ନାନବେଦୀକୁ ବିଜେ କରାଇଥିଲେ। ୧୦୮ ଗଡ଼ୁ ଜଳ ସ୍ନାନ ମଣ୍ଡପରେ ବିଜେ କରିବା ପରେ ମଧ୍ୟାହ୍ନ ୧୨ଟାରେ ଜଳଲାଗି ପୂଜା ବଢ଼ିଥିଲା। ଏହାପରେ ପ୍ରତୀକ୍ଷାର ଅନ୍ତ ଘଟି ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ସ୍ନାନ। ତେବେ ଜଳ ବିଜେ ପୂର୍ବରୁ ବର୍ଷା ଆରମ୍ଭ ହୋଇ ଛାଡ଼ିଥିଲା। ମାତ୍ର ମହାପ୍ରଭୁଙ୍କ ଜଳଲାଗି ଠିକ୍ ଆରମ୍ଭ ହେବା କ୍ଷଣି ଝୁ' ଝୁ' ବର୍ଷା ପିଟିଥିଲା। ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ବର୍ଷାରେ ଓଦା ହୋଇ ମହାପ୍ରଭୁଙ୍କ ଜଳଲାଗି ଦେଖିବାକୁ ଅପେକ୍ଷା କରିଥିଲେ ହଜାର ହଜାର ଶ୍ରଦ୍ଧାଳୁ। ଅପରାହ୍ଣ ପ୍ରାୟ ୧ଟା ୧୦ରେ ପୂଜାପଣ୍ଡା ସାମନ୍ତ ରୂପା ପିଙ୍ଗଣରେ ପୂଜା ହୋଇଥିବା ସୁବାସିତ ଜଳରେ ଠାକୁରଙ୍କୁ ସ୍ନାନ କରାଇଥିଲେ।

ପ୍ରତ୍ୟହ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁବିଗ୍ରହ ସ୍ନାନବେଦୀରେ କରିଥିଲେ ପ୍ରତ୍ୟକ୍ଷ ସ୍ନାନ। ଶ୍ରୀବଳଭଦ୍ର ୩୩ ଗଡ଼ୁ, ଦେବୀ ସୁଭଦ୍ରା ୨୨ ଗଡ଼ୁ, ଶ୍ରୀଜଗନ୍ନାଥ ୩୫ ଗଡ଼ୁ ଏବଂ ଶ୍ରୀସୁଦର୍ଶନ ୧୮ ଗଡ଼ୁ ଜଳରେ ସ୍ନାନ କରିଥିଲେ। ନୂଆଲୁଗା ଲାଗି ବେଶ ପରେ ଗଜପତିଙ୍କ ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା ନୀତି ନିମନ୍ତେ ସ୍ନାନମଣ୍ଡପକୁ ବିଜେ କରିଥିଲେ। ଅପରାହ୍ଣ ୩ଟା ସୁଦ୍ଧା ଛେରାପହଁରା ସରିବାକୁ ସ୍ଥିର ହୋଇଥିବା ବେଳେ ୩ଟା ୧୦ରେ ଛେରାପହଁରା ନୀତି ସରିଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା କରିଥିଲେ। ଏହାପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ହାତୀବେଶ (ଗଜାନନ ବେଶ)ରେ ସଜ୍ଜିତ କରିଥିଲେ। ଅପରାହ୍ଣ ୩ଟା ୪୦ରେ ହାତୀବେଶ ଲାଗି ନୀତି ନିର୍ଘଣ୍ଟ ହୋଇଥିବା ବେଳେ ନୀତି ସଅଳ ଯୋଗୁଁ ଅପରାହ୍ଣ ୩ଟା ୨୦ରେ ବେଶ ଆରମ୍ଭ ହୋଇଥିଲା। ପ୍ରାୟ ୨ଘଣ୍ଟା ୧୦ ମିନିଟ୍ ଧରି ଏହି ବେଶ ଚାଲିଥିଲା। ୪ଟା ୩୦ରେ ବେଶ ସମ୍ପୂର୍ଣ୍ଣ ହୋଇଥିଲା। ଏହି ବେଶ ଥାଇ ଘଣ୍ଟଛତା ସକାଳଧୂପ ହୋଇଥିଲା। ଦେବସ୍ନାନ ପୂର୍ଣ୍ଣିମାରେ ଠାକୁରଙ୍କ ପାଖରେ ଏହି ଗୋଟିଏଥର ହିଁ ଭୋଗ ହୋଇଥାଏ।

ସନ୍ଧ୍ୟା ୭ଟା ୫୦ରେ ଆରମ୍ଭ ହୋଇଥିଲା ସାହାଣମେଳା ଦର୍ଶନ। ସାହାଣମେଳାରେ ଶ୍ରଦ୍ଧାଳୁମାନେ ସ୍ନାନବେଦୀରେ ଠାକୁରଙ୍କ ଗଜାନନ ବେଶ ଦର୍ଶନ କରିଥିଲେ। ହାତୀବେଶ ଓଲାଗି ପରେ ଗୋଟି ପହଣ୍ଡିରେ ଠାକୁର ବାହୁଡ଼ି ଅଣସର ପିଣ୍ଡିକୁ ବିଜେ କରିଥିଲେ। ଏହାପରେ ସୁନାଚିତା ଓ ରାହୁରେଖା ଓଲାଗି ହୋଇଥିଲା।

## ବିକଶିତ ଓଡ଼ିଶା...

ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ପାରାଦୀପ ବନ୍ଦରର ସମ୍ପ୍ରସାରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବିଶେଷ ସହାୟତାର ଆବଶ୍ୟକତା ଲୋଡ଼ିଛନ୍ତି ଶ୍ରୀ ସିଂହଦେଓ। ଭିତ୍ତିଭୂମି ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପୁଞ୍ଜି ନିବେଶ ପାଇଁ ସ୍ୱତନ୍ତ୍ର ସହାୟତା ଯୋଜନା ୨୦୨୪-୨୫ ଅଧୀନରେ ରାଜ୍ୟକୁ ଅଧିକ ଆବଣ୍ଟନ ପାଇଁ ବୈଠକରେ ଦାବି ଉପସ୍ଥାପନ କରାଯାଇଛି। କେନ୍ଦ୍ର ବଜେଟରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅଧୀନରେ ରାଜ୍ୟୱାରି ବାର୍ଷିକ ଆବଣ୍ଟନର ଅଗ୍ରୀମ ସୂଚନା ପ୍ରଦାନ କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରସ୍ତାବ ରଖିଛନ୍ତି। ଏହାଦ୍ୱାରା ରାଜ୍ୟମାନେ ସେମାନଙ୍କର ବଜେଟକୁ ବାସ୍ତବତା ଭିତ୍ତିରେ ପ୍ରସ୍ତୁତ କରିବା ସହ ପାଣ୍ଠିର ସମୟାନୁବର୍ତ୍ତୀ ଉପଯୋଗ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

ସେହିପରି ଓଡ଼ିଶାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଦାବି ମଧ୍ୟ ବୈଠକରେ ଉତ୍ଥାପନ କରାଯାଇଛି। ସମ୍ବଲପୁରଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ଆଗାମୀ କେନ୍ଦ୍ର ବଜେଟରେ ଉପଯୁକ୍ତ ବ୍ୟବସ୍ଥା କରିବାକୁ ବୈଠକରେ ଓଡ଼ିଶା ଦାବି କରିଛି। ସେହିପରି ଓଡ଼ିଶାରେ ଜାତୀୟ ରାଜପଥ, ବିଶେଷକରି କୋଷ୍ଟାଲ୍ ହାଇୱେ ଏବଂ କ୍ୟାପିଟାଲ୍ ରିଜିଅନ୍ ରିଂ ରୋଡ୍ ପ୍ରକଳ୍ପର ଶୀଘ୍ର ସମାପ୍ତି ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବାକୁ ଶ୍ରୀ ସିଂହଦେଓ ଦାବି କରିଛନ୍ତି।

ଅପରପକ୍ଷେ ନିଜ ନିର୍ବାଚନୀ ଇସ୍ତାହାରରେ 'ସୁଭଦ୍ରା' ଯୋଜନା ଅଧୀନରେ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର୍ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲା ବିଜେପି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆଜି ପ୍ରାକ୍-ବଜେଟ ବୈଠକରେ କେନ୍ଦ୍ରର ସହଯୋଗ ଲୋଡ଼ିଛି ଓଡ଼ିଶା। 'ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳା ସଶକ୍ତିକରଣ ପାଇଁ କେନ୍ଦ୍ର ସରକାର ଆଂଶିକ ସହାୟତା ଯୋଗାଇଦେବାକୁ ଓଡ଼ିଶା ଅନୁରୋଧ କରିଛି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଓଡ଼ିଶାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ପାଇଁ ଅତିକମ୍‌ରେ ୫ ଲକ୍ଷ ଘର ନିର୍ମାଣ ପାଇଁ କେନ୍ଦ୍ର ବଜେଟରେ ଆବଶ୍ୟକୀୟ ଆବଣ୍ଟନ ସହ ରାଜ୍ୟରେ ନୂତନ ସହରର ବିକାଶ ଏବଂ ଦ୍ରୁତ ସହରୀକରଣ ପାଇଁ କେନ୍ଦ୍ର ସରକାରଙ୍କ ସହାୟତା ଲୋଡ଼ାଯାଇଛି। ସେହିପରି ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ର ସମସ୍ୟାର ସମାଧାନ ପାଇଁ ସଂଶୋଧିତ ବିତରଣ ସେକ୍ଟର ସ୍କିମ୍ ଅଧୀନରେ ଓଡ଼ିଶା ବିଦ୍ୟୁତ୍ ବିତରଣ ସଂସ୍ଥାଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାକୁ ଶ୍ରୀ ସିଂହଦେଓ ଦାବି କରିଛନ୍ତି। ଏହାସହ ସବୁଜ ହାଇଡ୍ରୋଜେନ ଭଳି ନୂତନ ପ୍ରଯୁକ୍ତିବିଦ୍ୟା ପାଇଁ ଆର୍ଥିକ ସହାୟତା ଏବଂ ଓଡ଼ିଶାରେ ଗ୍ରୀନ୍ ଏନର୍ଜି କରିଡର ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ଅର୍ଥ ପ୍ରଦାନ ଆବଶ୍ୟକ ଥିବା ନେଇ ଶ୍ରୀ ସିଂହଦେଓ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନାଯୋଗ୍ୟ ଯେ ଆଗାମୀ ୨୦୨୪-୨୫ କେନ୍ଦ୍ର ବଜେଟ୍‌ରେ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀଙ୍କ ପରାମର୍ଶ ନେବାକୁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସହ ରାଜ୍ୟ ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ ଏହି ବୈଠକରେ ଯୋଗ ଦେଇଥିଲେ।

## ସଅଳ ଆସିଲା...

ଚାଷୀଙ୍କୁ ଚିନ୍ତାରେ ପକାଇଛି। ଅପରପକ୍ଷେ ଆଗକୁ ସ୍ଥିତିରେ ସୁଧାର ଆସିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆଶା ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତିଙ୍କ ଅନୁଯାୟୀ ରାଜ୍ୟର ଅଧିକାଂଶ ଅଞ୍ଚଳରେ ମୌସୁମୀ ବାୟୁ ପହଞ୍ଚିସାରିଛି। ବର୍ତ୍ତମାନ କିଛି ଜିଲ୍ଲାର କିଛି ଅଂଶରେ ମୌସୁମୀ ବାୟୁ ପହଞ୍ଚିବା ବାକି ରହିଛି। ବର୍ତ୍ତମାନ ପାଗ ଅନୁକୂଳ ଥିବାବେଳେ ଆଗାମୀ ୩-୪ ଦିନ ମଧ୍ୟରେ ମୌସୁମୀ ବାୟୁ ଓଡ଼ିଶାର ସବୁ ଅଞ୍ଚଳକୁ ଛୁଇଁବ ବୋଲି ସେ କହିଛନ୍ତି। ଯାହାଫଳରେ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି।

ସେହିପରି ଆସନ୍ତା ୨୬ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୭ ଓ ୨୮ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ୨୬ ତାରିଖରେ ବର୍ଷାର ପ୍ରକୋପ ବଢ଼ିବାର ସମ୍ଭାବନା ରହିଛି। ଏହି ଲଘୁଚାପ ଯୋଗୁଁ ମୌସୁମୀ ସକ୍ରିୟ ହେବା ସହ ୨୯ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ ବୋଲି ଜଣାପଡ଼ିଛି। ଯାହା ନିଅଣ୍ଟିଆ ବର୍ଷାକୁ ଭରଣା କରିବ। ଅପରପକ୍ଷେ ୨୩ ତାରିଖରେ ରାଜ୍ୟର ୧୯ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍‌ରେ କୁହାଯାଇଛି।

## ପେଟ୍ରୋଲ, ଡିଜେଲରେ...

୧୨% ଟିକସ ଏବଂ କାର୍ଟୁନ୍ ବାକ୍ସ ଉପରେ ୧୨% ଜିଏସ୍ଟି ଲାଗୁ କରାଯିବ। ଏହାଛଡା ଶିକ୍ଷାନୁଷ୍ଠାନ ବାହାରେ ଛାତ୍ରଛାତ୍ରୀ ରହୁଥିବା ହେଷ୍ଟେଲ୍ ରହଣୀ ଉପରୁ ଟିକସ ସମ୍ପୂର୍ଣ୍ଣ ଭାବେ ଛାଡ କରାଯାଇଛି। ଦେଶରେ ନକଲି ବିଲ୍ ବା ଇନ୍ଭଏସ୍ ବନ୍ଦ କରିବା ପାଇଁ ସାରା ଦେଶରେ ପର୍ଯ୍ୟାୟକ୍ରମେ ବାୟୋମେଟ୍ରିକ୍ ପ୍ରାମାଣିକୀକରଣ ବ୍ୟବସ୍ଥା ଲାଗୁ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମସ୍ତ ପ୍ରକାରର କେନ୍ଦ୍ର ଦୁଗ୍ଧ ଡବା ଉପରେ ସମାନ ୧୨% ଜିଏସ୍ଟି ହାର ଲାଗୁ କରିବାକୁ ସ୍ଥିର କରାଯାଇଛି। ସେହିପରି ଫାୟାର ସ୍ପ୍ରିଙ୍କଲର ସମେତ ସମସ୍ତ ପ୍ରକାରର ସ୍ପ୍ରିଙ୍କଲର ଉପରେ ୧୨% ଟିକସ ଲାଗୁ ହେବ। ପୂର୍ବରୁ ୧୨% ଜିଏସ୍ଟି ନିଆଯାଉଥିବା କାର୍ଟୁନ୍ ବାକ୍ସ ଉପରେ ମଧ୍ୟ ୧୨% ଜିଏସ୍ଟି ଆଦାୟ କରାଯିବ। ଆଜିର ବୈଠକରେ ଗୋଆ, ମେଘାଳୟ, ମିଜୋରାମ, ନାଗାଲାଣ୍ଡ ଏବଂ ସିକ୍କିମ୍ର ମୁଖ୍ୟମନ୍ତ୍ରୀ, ବିହାର, ମଧ୍ୟପ୍ରଦେଶ, ଓଡ଼ିଶା, ରାଜସ୍ଥାନ ଏବଂ ତେଲେଙ୍ଗାନାର ଉପମୁଖ୍ୟମନ୍ତ୍ରୀ, ରାଜ୍ୟଗୁଡିକ ଅର୍ଥମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନେ ଯୋଗଦେଇଥିଲେ।

## ୨୦୨୪ରେ ୯୦ ହଜାର...

ପ୍ରଫେସନାଲ ଏପରି ଛଟେଇ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ତେବେ ଏହାର ପ୍ରକୃତ ସଂଖ୍ୟା ଅଧିକ ବୋଲି ସନ୍ଦେହ କରାଯାଉଛି। ପୂର୍ବବର୍ଷ ତୁଳନାରେ ବିଭିନ୍ନ ଆଇଟି କମ୍ପାନୀରେ ମୋଟ ୨୬୨, ୯୧୫ କର୍ମଚାରୀ ଛଟେଇ ହୋଇଥିବା ଲେଅଫ୍ସଡଟ୍‌ଏଫ୍‌ୱାଇଆଇର ରିପୋର୍ଟରେ କୁହାଯାଇଛି। ଆର୍ଥିକ ଅବନତି, ମହାମାରୀ ସମୟରେ ଅତ୍ୟଧିକ ନିଯୁକ୍ତି ଏବଂ ଆର୍ଥିକ ସ୍ଥିତିକୁ ବଜାୟ ରଖିବା ପାଇଁ ରଣନୀତିକ ପୁନର୍ଗଠନ ଯୋଜନାର ଚାପ ହେତୁ କମ୍ପାନୀଗୁଡିକ ଏଭଳି କର୍ମଚାରୀ ଛଟେଇ କରିଛନ୍ତି। ତେବେ ଟେକ୍ ଶିଳ୍ପରେ କର୍ମଚାରୀଙ୍କୁ ମାସ ମାସ ଧରି ସାମୟିକ ଅବ୍ୟାହତି ଦିଆଯିବା ସତ୍ତ୍ୱେ ଏହି କ୍ଷେତ୍ରରେ ୨୦୨୪ରେ ବା ଚଳିତବର୍ଷ ଛଟେଇରେ ହ୍ରାସ ନେଇ କୌଣସି ଲକ୍ଷଣ ଦେଖାଯାଉନାହିଁ। ନାସେନ୍ସ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ଏମ୍ପ୍ଲଇଜ୍ ସିନେଟ୍ (ନାଇଟ୍ସ)ର ଅନ୍ୟ ଏକ ରିପୋର୍ଟ ଅନୁଯାୟୀ, ୨୦୨୪ର ପ୍ରଥମ ପାଞ୍ଚ ମାସରେ ଅଗ୍ରଣୀ ଭାରତୀୟ ଆଇଟି କମ୍ପାନୀଗୁଡିକ ପ୍ରାୟ ୨୦୦୦ରୁ ୩୦୦୦ କର୍ମଚାରୀଙ୍କୁ ଚାକିରିରୁ ଅବ୍ୟାହତି ଦିଆଯାଇଥିଲା। ଏକ ରିପୋର୍ଟ ଅନୁଯାୟୀ, ଅଭିଜ୍ଞ ତଥା ଅଧିକ ବେତନପ୍ରାପ୍ତ କର୍ମଚାରୀମାନେ ଚାପଗ୍ରସ୍ତ ଛଟେଇ ଯୋଗୁ କମ୍ପାନୀରେ ନିଜକୁ ଅଧିକ ଅସୁରକ୍ଷିତ ମନେକରୁଛନ୍ତି। କାରଣ କମ୍ପାନୀଗୁଡିକ ଖର୍ଚ୍ଚ କାଟ୍ କରିବାକୁ ସେମାନଙ୍କୁ ଟାର୍ଗେଟ କରୁଛନ୍ତି। ସମୟ ଯେତିକି ଯେତିକି ଆଗକୁ ବଢ଼ୁଛି, ବୈଷୟିକ ଶିଳ୍ପ କିପରି ଭାବେ ଏହି ସମସ୍ୟାର ସମାଧାନ କରିବ ଏବଂ ଏଭଳି ଚ୍ୟାଲେଞ୍ଜ ସମୟରେ ଏହାର କର୍ମଜୀବୀଙ୍କୁ ସହାୟତା କରିବା ପାଇଁ କ'ଣ ପଦକ୍ଷେପ ନିଆଯିବ ନେବ ତାହା ଆଗାମୀ ଦିନରେ ଜଣାପଡିବ।

## କାନ୍ଥ ପଡ଼ି...

ନିର୍ମାଣ ପାଇଁ ମାଟି ଖୋଳା ଯାଉଥିଲା। ମୋଟ ପାଞ୍ଚଜଣ ଶ୍ରମିକ ମାଟି ଖୋଳୁଥିଲେ। ସେଥିମଧ୍ୟରେ ଏହି ଦମ୍ପତି ଥିଲେ। ଆଜି ମଧ୍ୟାହ୍ନରେ ମାଟି ଖୋଳୁଥିବା ବେଳେ ନିକଟସ୍ଥ ଏକ ଘରର ପାଚେରି କାନ୍ଥ ହଠାତ ଭୁଶୁଡ଼ି ପଡ଼ିଥିଲା। ଭଙ୍ଗା କାନ୍ଥ ତଳେ ସ୍ୱାମୀ-ସ୍ତ୍ରୀ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ବାହାର କରିବା ପାଇଁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସିମେଣ୍ଟ କାନ୍ଥ ଭାଙ୍ଗି ଉଭୟଙ୍କୁ ଉଦ୍ଧାର କରିଥିଲା। ଦୁହିଁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। କାନ୍ଥବାଡ଼ଠୁ ଟିକିଏ ବି ଜାଗା ନଛାଡ଼ି ଡ୍ରେନ ଖୋଳା ଯାଉଥିବାରୁ ଦୁଇଟି ନିରୀହ ଜୀବନ ଗଲା ବୋଲି ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି। ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଥିଲେ। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ସ୍ଥାନୀୟ ପୁଲିସକୁ କହିଛନ୍ତି। ଯୁବନେତା ସ୍ୱରୂପ ପାତ୍ର, ସାନନ୍ଦ ମେହେର, ଆନନ୍ଦ ମହାନନ୍ଦ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଡ୍ରେନ୍ ନିର୍ମାଣ କାମରେ ନିୟୋଜିତ କରିଥିବା ବ୍ୟକ୍ତି ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି। ଘଟଣାର ଅନୁସନ୍ଧାନ ଚାଲିଛି, ଡ୍ରେନ୍ ନିର୍ମାଣ କରାଉଥିବା ବ୍ୟକ୍ତିଙ୍କ ନାମରେ ଆପରାଧିକ ମାମଲା ରୁଜୁ ହେବ ବୋଲି ସୋନପୁର ଏସ୍‌ଡିପିଓ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି।


**AFFIDAVIT**

I, Samita Devi, D/o - Surendranath Sethee, resident of Rajiv Nagar, AIGINIA, Po/PS Khandagiri, Dist - Khurda, Pin - 751019 Odisha declared by this affidavit No. 35AA 445327 Dtd-02/02/2017 that now onwards I shall be known as **ATOOFA I ALI** for all future purposes.

**AFFIDAVIT**

By virtue of an affidavit No. 388 dtd 21.06.2024. I Sri Bipin Bihari Mahanta, S/o- Gopinath Mahanta, Vill- Sitarampur, Ps. Baria, Dist.- Keonjhar declare that my horoscope name Kalpataru which has been mentioned in vehicle Regd. No. OR09L3920. My real name Bipin Bihari Mahanta is mentioned in all other documents Kalpataru and Bipin Bihari Mahanta is the same and one person.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-FurACCoach-24-25-13

କାର୍ଯ୍ୟର ନାମ : 24(ଚବିଶି) ମାସ ସମୟ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱରଠାରେ AC BG କୋଚ୍‌ଗୁଡ଼ିକର ସାଜସଜା।

ବିଜ୍ଞାପିତ ମୂଲ୍ୟ (₹) : 1,80,89,694.72, EMD (₹) : 2,40,500.00, ଶେଷ ହେବା ଅବଧି : 24 ମାସ।

ବିଡ଼ ଆରମ୍ଭ ହେବା ତାରିଖ : ତା.22.06.2024 ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.07.2015 ରିଖ 1100 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଛେ।

ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର(POH-II), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-238/P/24-25

# ରୋଜଗାରର ବାଟ ଦେଖାଇଛି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

ସୁନ୍ଦରଗଡ଼, ୨୨।୬(ସମିସ)



ସୁନ୍ଦରଗଡ଼ ଜିଲ୍ଲାରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ରୋଜଗାରର ବାଟ ଦେଖାଉଛି। ଜିଲ୍ଲାରେ ଏପରି ଅନେକ ଉଦାହରଣ ରହିଥିବା ବେଳେ ସମ୍ପ୍ରତି ପୁଣି ଆଉ ଏକ ଭଲ ଖବର ଲେଫ୍ରିପଡ଼ା ବ୍ଲକ ବଡ଼ଖଲିଆ ଗ୍ରାମରୁ ଆସିଛି। ୨୦୧୮-୧୯ରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଓ ଜୀବିକା ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଜୀବିକାର ଉନ୍ନତି ସକାଶେ ସରକାରଙ୍କ ଦ୍ୱାରା ବଡ଼ଖଲିଆ ଗ୍ରାମକୁ ଚୟନ କରାଯାଇ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ଆରମ୍ଭ ହୋଇଥିଲା। ଗାଁରେ ବନ ସୁରକ୍ଷା ସମିତି ମଧ୍ୟ ଗଠନ କରାଯାଇଥିଲା। ଏହି ପ୍ରକଳ୍ପ ଅନୁଯାୟୀ ୨୦୨୨-୨୩ ବର୍ଷରେ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଜୀବିକାର ଉନ୍ନତି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ, ସମ ଆଗ୍ରହୀ ଗୋଷ୍ଠୀ, ଗରିବଙ୍କ ମଧ୍ୟରେ ଗରିବ ଶ୍ରେଣୀର ଲୋକଙ୍କୁ ଆର୍ଥିକ ସହାୟତା ତଥା ଆବର୍ତ୍ତନ ପାଣ୍ଠି ଯୋଗାଇ ଦେବା ସକାଶେ ଗ୍ରାମର ବନ ସୁରକ୍ଷା ସମିତିକୁ ୨ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ବନ ସୁରକ୍ଷା ସମିତିରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସଭା ହୋଇଥିଲା। ସେମାନେ କେମିତି ଆୟଭିତ୍ତିକ କାର୍ଯ୍ୟ କରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସଭାରେ ସ୍ୱୟଂ ସହାୟକ ଗୋଷ୍ଠୀ ଦଳଭିତ୍ତିକ କାର୍ଯ୍ୟ କଲେ ବେଶୀ ଅର୍ଥ ଉପାର୍ଜନ କରିହୁଏ ବୋଲି ସମସ୍ତଙ୍କୁ ବୁଝାଯାଇଥିଲା। ସେହିଦିନ ଗ୍ରାମର ମା' ଶାରଳା ସ୍ୱୟଂ ସହାୟକ ଗୋଷ୍ଠୀ କିଛି ଦଳଭିତ୍ତିକ କାର୍ଯ୍ୟ କରି ଦେଖାଇବେ ବୋଲି ପଣ କରିଥିଲେ। ଆବର୍ତ୍ତନ ପାଣ୍ଠି ସହାୟତାରୁ ଋଣ ନେବା ପାଇଁ ସେମାନେ ବନ ସୁରକ୍ଷା ସମିତିକୁ ଦରଖାସ୍ତ ଦେଇଥିଲେ। ସେମାନେ ୫୦ ହଜାର ଟଙ୍କା ନେଇ ଦଳଗତ ଭାବରେ ଅଧ ଏକରରେ ଲଙ୍କା ଚାଷ କରୁଛନ୍ତି। ଅଧିକ ଉପାର୍ଜନ ପାଇଁ ସେମାନେ ଶଙ୍କର ଜାତୀୟ ବିହନ ଭିଏନ୍‌ଆର୍ ବ୍ୟବହାର କରି ସାର ଔଷଧ ଦେଇ ଭଲ ଭାବରେ ଜଳ ପରିଚାଳନା କରି ଅଧିକ ଅମଳ କରିବାରେ ଲାଗିଛନ୍ତି। ତାଙ୍କ କହିବା ଅନୁଯାୟୀ, ସେମାନେ ୨୦ ହଜାର ଟଙ୍କା ଖର୍ଚ୍ଚ କରି ପ୍ରଥମେ କିଲୋ ପ୍ରତି ୮୦ ଟଙ୍କା ଦରରେ ୨.୫ କ୍ୱିଣ୍ଟାଲ ଲଙ୍କା ବିକ୍ରି କରି ୨୦ ହଜାର ଟଙ୍କା ରୋଜଗାର କରିଥିଲେ। ପରେ କିଲୋ ପ୍ରତି ୭୦ ଟଙ୍କା ଦରରେ ୩ କ୍ୱିଣ୍ଟାଲ ଲଙ୍କା ବିକ୍ରି କରି ୨୧ ହଜାର ଟଙ୍କା ଏପରି ସମୁଦାୟ ୪୧ ହଜାର ଟଙ୍କା ରୋଜଗାର କରି ସାରିଲେଣି। ଆଗକୁ ଅତି କମରେ ୨ କ୍ୱିଣ୍ଟାଲ ଶୁଖିଲା ଲଙ୍କାକୁ କିଲୋ ପ୍ରତି ୨୦୦ ଟଙ୍କା ହିସାବରେ ଆହୁରି ୪୦ ହଜାର ଟଙ୍କାରେ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଫଳରେ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମନୋବଳ ବୃଦ୍ଧି ପାଇ ଆଗାମୀ ଦିନରେ ଆହୁରି ଅଧିକ ରୋଜଗାର କରିବାକୁ ଯୋଜନା କରୁଛନ୍ତି। ତାଙ୍କ ପାଇଁ ରୋଜଗାରର ବାଟ ଦେଖାଇଥିବାରୁ ସେମାନେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଏବଂ ବଡ଼ଖଲିଆ ବନ ସୁରକ୍ଷା ସମିତିକୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୭ରେ ଗଠିତ ଏହି ଗୋଷ୍ଠୀର ସଦସ୍ୟାମାନେ କେବଳ ନିଜକୁ ନିଜେ ସାହାଯ୍ୟ କରିବା ବୁଝିଥିଲେ। ଗୋଷ୍ଠୀ ପାଣ୍ଠି ବଢ଼ାଇବା ପାଇଁ ବ୍ୟକ୍ତିଗତ ଭାବେ ଚାନ୍ଦା ଦେଉଥିଲେ ଏବଂ ଆବଶ୍ୟକ ପଡ଼ିଲେ ଉଧାର ନେଇ ନିଜ ଅସୁବିଧା ଦୂର କରୁଥିଲେ। ନିଜ ପରିବାର ପୋଷଣ କରିବା ସକାଶେ ଅର୍ଥ ରୋଜଗାର କରିବା ପାଇଁ ବ୍ୟକ୍ତିଗତ ଭାବେ କୌଣସି ନା କୌଣସି ଧନ୍ଦା କରୁଥିଲେ। ଗୋଷ୍ଠୀଗତ ଭାବେ କିଛି ବି କରୁ ନ ଥିଲେ କି ଏହାର ଲାଭ ବିଷୟରେ ବୁଝି ନ ଥିଲେ।

## କୃଷକ ଉତ୍ପାଦକ ସଙ୍ଗଠନ କାର୍ଯ୍ୟାଳୟ ଉଦଘାଟିତ




ସୁନ୍ଦରଗଡ଼, ୨୨।୬(ସମିସ): ସବଡେଗାଠାରେ କୃଷକ ଉତ୍ପାଦକ ସଂଗଠନ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ଉଦଘାଟନୀ ଉତ୍ସବରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ କପିଳ ଚନ୍ଦ୍ର ପରିଡ଼ା ଓ ସହକାରୀ ନିର୍ଦ୍ଦେଶକ ନବୀନ ଲାକ୍ରା ଯୋଗଦେଇ ଜିଲ୍ଲାର ସମସ୍ତ ଚାଷୀ କିପରି ଉନ୍ନତ ଚାଷ ସହ ଚାଷ ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ସେ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ବିଶେଷକରି ଚାଷ କାର୍ଯ୍ୟରେ ଆବଶ୍ୟକ ହେଉଥିବା ଜୈବିକ, ରାସାୟନିକ ସାର, କୀଟନାଶକ ଔଷଧ, ସମସ୍ତ ପ୍ରକାର ବିହନ, କୃଷି ଯନ୍ତ୍ରପାତି ସହ ବିଭିନ୍ନ ଉପକରଣ ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରିବା, ଏ ସବୁର ସୁବିଧାକୁ ପ୍ରତ୍ୟେକ ଚାଷୀଙ୍କ ପାଖରେ ସଠିକ ଭାବରେ ପହଞ୍ଚାଇବା ଆଦି ସମ୍ପର୍କରେ ଜିଲ୍ଲାର ସମସ୍ତ ବ୍ଲକର ଇନ୍‌ଚାର୍ଜମାନଙ୍କୁ ନେଇ ବୈଠକ ହୋଇଥିଲା। ସବଡେଗା ବ୍ଲକର ପୁନିଆ ଖେସ, କୁତ୍ରା ବ୍ଲକର ସୀମା ସରିତା ବୁଡ଼, ରାଜଗାଙ୍ଗପୁର ବ୍ଲକର ରଜନୀ ମହାତୋ, ନୂଆଗାଁ ବ୍ଲକର ଶ୍ୟାମସୁନ୍ଦର ଟପ୍ପୋ, ବିଶ୍ରା ବ୍ଲକର ଭୋଳା ମହାତୋ, ଲହୁଣୀପଡ଼ା ବ୍ଲକର ଶଶିଭୂଷଣ ମହାନ୍ତଙ୍କ ସମେତ ବିଭିନ୍ନ ବ୍ଲକର କର୍ମଚାରୀ ଉପସ୍ଥିତ ଥିଲେ।

## ବିଧାୟକଙ୍କୁ ଅଙ୍ଗନବାଡ଼ି କର୍ମୀ ସଂଘର ସମ୍ବର୍ଦ୍ଧନା



ସୁନ୍ଦରଗଡ଼, ୨୨।୬(ସମିସ): ନବନିର୍ବାଚିତ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କୁ ଶନିବାର ଅଲ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନର ସ୍ଥାନୀୟ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘ କର୍ମକର୍ତ୍ତାମାନେ ବିଧାୟକଙ୍କୁ ସୁନ୍ଦରଗଡ଼ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ସାକ୍ଷାତ କରି ସମ୍ବର୍ଦ୍ଧିତ କରିଛନ୍ତି। ଅଙ୍ଗନବାଡ଼ି କର୍ମୀଙ୍କ ସମସ୍ୟା ସମାଧାନ ଦିଗରେ ତାଙ୍କ ସହଯୋଗ ଲୋଡ଼ିଛନ୍ତି। ଏହି ଅବସରରେ ସଙ୍ଗଠନର ବଡ଼ଗାଁ ବ୍ଲକ ସଭାପତି ଅଞ୍ଜଳି ମାଝୀ, ଜିଲ୍ଲା ସହ ସମ୍ପାଦିକା ରାଜକୁମାରୀ ବଗାର, ଅଞ୍ଜଳି ମହାଲିଙ୍ଗ, ସୂର୍ଯ୍ୟ କିସାନଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନାବାଳକ ଚାଲାଣ ଅଭିଯୋଗ

ସୁନ୍ଦରଗଡ଼, ୨୨।୬(ସମିସ): ବଡ଼ଗାଁ ଥାନା ଅନ୍ତର୍ଗତ ଯାଜପୁର ଗ୍ରାମର ଜଣେ ନାବାଳକଙ୍କୁ ସୁରତ ଚାଲାଣ ଅଭିଯୋଗ ହୋଇଛି। ସମ୍ପୃକ୍ତ ନାବାଳକଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଯାଜପୁର ଗ୍ରାମର ହରି ଡୁଙ୍ଗଡୁଙ୍ଗ କାମ କରି ଘରକୁ ଫେରିବା ପରେ ତାଙ୍କ ନାବାଳକ ପୁଅକୁ ଜଣେ ବ୍ୟକ୍ତି କାର୍‌ରେ ନେଇଥିବା ସୂଚନା ପାଇଥିଲେ। ପରେ ହରି ବୁଝାବୁଝି କରି ଶଙ୍କରାପୋଷ ଗ୍ରାମର ସୁବାସ ବିଲୁଙ୍ଗ ତାଙ୍କ ପୁଅକୁ ସୁରତ ଚାଲାଣ କରିଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଥାନା ଦ୍ୱାରସ୍ଥ ହୋଇଛନ୍ତି।

## ଏନ୍‌ଟିଏ ବିରୋଧରେ ଏବିଭିପିର ବିକ୍ଷୋଭ



ସୁନ୍ଦରଗଡ଼, ୨୨।୬(ସମିସ): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ ହେବା ପରେ ପରୀକ୍ଷା ବାତିଲ ହୋଇଯିବା ଘଟଣା ପରୀକ୍ଷାର୍ଥୀ ଓ ଅଭିଭାବକଙ୍କୁ ଚିନ୍ତାରେ ପକାଇଛି। ଏହାର ପ୍ରତିବାଦରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଦେଶସାରା ଆନ୍ଦୋଳନ ହୋଇଛି। ଏ କ୍ରମରେ ସୁନ୍ଦରଗଡ଼ ହସ୍ପିଟାଲ ଛକରେ ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରୀକ୍ଷାରେ ବାରମ୍ବାର କୁପ୍ରବନ୍ଧନ କରୁଥିବା ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)କୁ ସିବିଆଇ ତଦନ୍ତ ପରିସରଭୁକ୍ତ କରିବାକୁ ଏବିଭିପିର ରାଷ୍ଟ୍ରୀୟ ସମ୍ପାଦକ ବୁଦ୍ଧଦେବ ବାଘ ଦାବି କରିଛନ୍ତି। ଏହି ଆନ୍ଦୋଳନରେ ଏବିଭିପିର ରାଷ୍ଟ୍ରୀୟ ସମ୍ପାଦକ ବାଘଙ୍କ ସମେତ ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୱେତାଂଶୁ ବରାଇ, କେନ୍ଦ୍ରୀୟ କାର୍ଯ୍ୟ ସମିତି ସଦସ୍ୟା ଦୀପ୍ତିମୟୀ ପ୍ରତିହାରୀ, ଏବି ରାଜ୍ୟ ସହ-ସମ୍ପାଦିକା ସିମ୍ରନ ପ୍ରଧାନ, ରାଜ୍ୟ ସହ ସମ୍ପାଦକ ସୁଭାଷ ନାଏକ, ସୁନ୍ଦରଗଡ଼ ବିଭାଗ ସଂଯୋଜକ ଗୋପାଳ ନାଏକ ପ୍ରମୁଖ ଯୋଗଦେଇଥିଲେ।

● ସାରନଗରୀ ଜଗନ୍ନାଥ ମନ୍ଦିରରେ ପବିତ୍ର ସ୍ନାନପୂର୍ଣ୍ଣିମା

## ସୁବାସିତ ଜଳରେ ସ୍ନାନକଲେ ମହାପ୍ରଭୁ

ରାଉରକେଲା, ୨୨।୬(ସମିସ): ସ୍ଥାନୀୟ ସାରନଗରୀ ଜଗନ୍ନାଥ ମନ୍ଦିରରେ ଶନିବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଛି। ୧୦୮ ଗରା ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ କରିବା ପରେ ଗଜାନନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି।



ଶନିବାର ଭୋର ୪ଟାରେ ଦ୍ୱାରଫିଟା, ସାଢ଼େ ୪ଟାରେ ମଙ୍ଗଳ ଆଳତି, ମଇଲମ, ଅବକାଶ, ତଡ଼ପଲାଗି ନୀତି ବଢ଼ି ୭ଟାରେ ଗୋପାଳ ବଲ୍ଲଭ ଭୋଗ ଲାଗି ହୋଇଥିଲା। ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନଯାତ୍ରା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସାଢ଼େ ୯ଟାରେ ପହଣ୍ଡି ଆରମ୍ଭ ହୋଇ ୧୦ଟାରେ ଚତୁର୍ଦ୍ଧା ବିଗ୍ରହ ସ୍ନାନ ମଣ୍ଡପରେ ବିଜେ କରିଥିଲେ। ପ୍ରଥମେ ଶ୍ରୀ ସୁଦର୍ଶନ, ଶ୍ରୀ ବଳଭଦ୍ର, ମାଆ ସୁଭଦ୍ରା ଓ ଶେଷରେ ପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ସ୍ନାନ ମଣ୍ଡପରେ ବିଜେ କରିଥିଲେ। ମଣ୍ଡପରେ ସମସ୍ତ ନୀତି ବଢ଼ିବା ପରେ ସାଢ଼େ ୧୦ ଟାରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଅଭିମନ୍ତ୍ରିତ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ସାଢ଼େ ୧୧ ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗଜାନନ ବେଶ ଲାଗି ହୋଇଥିଲା। ପରେ ମଙ୍ଗଳ ଆଳତି ହୋଇ ଅନ୍ୟ ନୀତି ସମ୍ପନ୍ନ ହୋଇଥିଲା। ରାତି ୯ଟାରେ ଚତୁର୍ଦ୍ଧା ବିଗ୍ରହ ପହଣ୍ଡି ହୋଇ ଅଣସର ଗୃହକୁ ବିଜେ କରିଥିଲେ। ମୁଖ୍ୟ ପୂଜକ ହରିହର ପଣ୍ଡା, ପ୍ରକାଶ ପଣ୍ଡା, ସତ୍ୟବ୍ରତ ପଣ୍ଡା, ଶୁଭମ କର ପ୍ରମୁଖ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଥିଲେ। ଏହି ଅବସରରେ ମନ୍ଦିରର ସମସ୍ତ ଟ୍ରଷ୍ଟି ସଭ୍ୟ, ସେବାୟତ, ପୂଜକ ଉପସ୍ଥିତ ନୀତିକାନ୍ତିରେ ସହଯୋଗ କରିଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କ ଏହି ଅପୂର୍ବ ବେଶ ଦେଖିବା ପାଇଁ ମନ୍ଦିର ପରିସରରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଶୁମାନେ ପ୍ରଭୁଙ୍କୁ ଦର୍ଶନ କରି କୃତ୍ୟ କୃତ୍ୟ ହୋଇଥିଲେ।

## ସୁନ୍ଦରଗଡ଼ରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ




ସୁନ୍ଦରଗଡ଼, ୨୨।୬(ସମିସ): ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ସ୍ଥାନୀୟ ରାଜବାଟୀସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଦେବସ୍ନାନ ପୂର୍ଣ୍ଣିମା ମହାସମାରୋହରେ ପାଳନ କରାଯାଇଛି। ଏଠାରେ ସୁନ୍ଦରଗଡ଼ ରାଜା ସମରେନ୍ଦ୍ର ଶେଖର ଦେଓ କାର୍ଯ୍ୟ ନିର୍ବାହ କରିଥିଲେ। ତାଙ୍କ ସହ ଦେବଗଡ଼ ରାଜା ରୋହିତ ଗଙ୍ଗଦେବ ଓ ରାଜ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ରାଜ ପୁରୋହିତ ମାନସ ପୁରୋହିତଙ୍କ ଉପସ୍ଥିତିରେ ବିଶ୍ୱଜିତ ପୂଝାରୀ, ଦେବାଶିଷ କବି, ଅମୀତ ପୂଝାରୀ, ସମରେଶ ହୋତା ଦେବନୀତି ସମ୍ପନ୍ନ କରି ପ୍ରଭୁଙ୍କ ସ୍ନାନ କରାଇଥିଲେ। ଜଗନ୍ନାଥ ମନ୍ଦିର ଟ୍ରଷ୍ଟି ଅବନୀକାନ୍ତ ପୁରୋହିତ ବ୍ରାହ୍ମଣ ସମାଜ ସମ୍ପାଦକ ବେଣୁମାଧବ ତ୍ରିପାଠୀ, କୃଷ୍ଣ ଯୋଷୀ, ଚିଣ୍ଟୁ ପୁରୋହିତ, ଦିଲୀପ ପୁରୋହିତ, ରତ୍ନରାଜ ପୁରୋହିତ, ତିଳକ ପୁରୋହିତଙ୍କ ସମେତ ଅନେକ ଭକ୍ତ ଯୋଗଦେଇଥିଲେ।

● ବଡ଼ଗାଁ ଜଗନ୍ନାଥ ମନ୍ଦିର



ବଡ଼ଗାଁ ବସ୍ତି ଜଗନ୍ନାଥ ମନ୍ଦିରରେ ରୀତିନୀତିରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇ ସ୍ନାନ କରାଯାଇଛି। ପଣ୍ଡିତ ସ୍ୱପ୍ନେଶ୍ୱର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଣ୍ଡିତ ଦିବ୍ୟଲୋଚନ ମିଶ୍ର ସହଯୋଗ କରିଥିଲେ। ଗ୍ରାମର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

● ଏମ୍‌ସିଏଲ ବସୁନ୍ଧରା ଜଗନ୍ନାଥ ମନ୍ଦିର



ହେମଗିରି: ହେମଗିରି ବ୍ଲକ ଅନ୍ତର୍ଗତ ଏମ୍‌ସିଏଲ ବସୁନ୍ଧରାସ୍ଥିତ ଜଗନ୍ନାଥ ମନ୍ଦିରରେ ଶନିବାର ମହାପ୍ରଭୁଙ୍କ ସ୍ନାନୋତ୍ସବ ନୀତିକ୍ରାନ୍ତିରେ ସମ୍ପନ୍ନ ହୋଇଛି। ମନ୍ଦିର ଟ୍ରଷ୍ଟ ସଭ୍ୟ ଅଜୟ କୁମାର ଶତପଥୀ, ବିଜୟ କୁମାର ପଣ୍ଡା, ପରମାନନ୍ଦ ମିଶ୍ର, ଶ୍ରୀକାନ୍ତ ମିଶ୍ର, ସିଦ୍ଧେଶ୍ୱର ବେହେରା, ମହାକୁଡ଼ ବାବୁ, ଦାସ ବାବୁଙ୍କ ସମେତ ପୁରୋହିତମାନେ ଉପସ୍ଥିତ ଥିଲେ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଗଜ ବେଶରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ।

## ପ୍ରେମ ପ୍ରତାରଣା; ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼, ୨୨।୬(ସମିସ): ବଡ଼ଗାଁ ଥାନା ପୁଲିସ ଜଣେ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୁନ୍ଦରଗଡ଼ ଜେଲ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ୫ ବର୍ଷ ତଳୁ ଏକମା ଗ୍ରାମର ବାଲେଶ୍ୱର ମାଝୀ ଓରଫ ବାଲେ ଅନ୍ୟ ଏକ ଗ୍ରାମର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରି ଆସୁଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କୁ ପତ୍ନୀ ଭାବେ ଗ୍ରହଣ ନ କରିବାରୁ ଯୁବତୀ ଜଣକ ଥାନା ଦ୍ୱାରସ୍ଥ ହୋଇଥିଲେ।

## କାର-ବାଇକ୍ ଧକ୍କା; ନାବାଳକ ଗୁରୁତର

ସୁନ୍ଦରଗଡ଼, ୨୨।୬(ସମିସ): ଗରିଆମାଲ-ବାମଣ୍ଡା ରାସ୍ତାର ବଡ଼ଗାଁ ଥାନା ଅନ୍ତର୍ଗତ ରାଏଡିହି ନିକଟରେ ଏକ ବାଇକ କାରକୁ ଧକ୍କା ଦେଇଛି। ଏଥିରେ ସମ୍ପୃକ୍ତ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ବାଇକ ଚାଳକ ଜଣକ ନବାଳକ ଥିବା ଜଣାପଡ଼ିଛି। ଅଭିଯୋଗ ପାଇ ପୁଲିସ ତଦନ୍ତ ଚଳାଇଛି।

## ଆର୍‌ଜିଏଚ୍ ମର୍ଗ ହାଉସରୁ ଡିପ୍ ଫ୍ରିଜର ଚୋରି

ରାଉରକେଲା, ୨୨।୬(ସମିସ): ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ର ମର୍ଗ ହାଉସରୁ ଡିପ୍ ଫ୍ରିଜର ଚୋରି ହୋଇଥିବା ରଘୁନାଥପାଲୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୁଲିସ ସୂଚନା ମୁତାବକ, କିଛିଦିନ ହେଲା ୨ଟି ଡିପ୍ ଫ୍ରିଜର ଖରାପ ତଥା ଅଚଳ ହୋଇଯାଇଥିଲା। ସେଗୁଡ଼ିକୁ ମର୍ଗ ହାଉସ ନିକଟରେ ରଖାଯାଇଥିଲା। ଇତିମଧ୍ୟରେ କେହି ଦୁର୍ବୃତ୍ତ ତାକୁ ଚୋରି କରିନେଇଥିଲେ। ଶନିବାର ଚୋରି ସମ୍ପର୍କରେ ଅବଗତ ହୋଇ ନିର୍ଦ୍ଦେଶକ ଗଣେଶ ପ୍ରସାଦ ଦାସ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ଡାକ୍ତରଖାନା କର୍ମଚାରୀ ତଥା ଅଧିକାରୀମାନଙ୍କର ଉକ୍ତ ଘଟଣା ପଛରେ ହାତ ଥିବା ଚର୍ଚ୍ଚା ଚାଲିଛି। ମର୍ଗ ହାଉସ ନିକଟରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ଥିବା ସତ୍ତ୍ୱେ ଏଭଳି ଚୋରି ନେଇ ନାନା ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ, ଏହି ଡାକ୍ତରଖାନାରେ ପ୍ରାୟ ସମୟରେ ମୋବାଇଲ, ବାଇକ ସମେତ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ବିଗତ ଦିନରେ ନଜିର ରହିଛି। ତେବେ ପରବର୍ତ୍ତୀ ସମୟରେ ସିକ୍ୟୁରିଟି ଗାର୍ଡ ସମେତ ସିସିଟିଭି ବ୍ୟବସ୍ଥା କରାଯାଇଛି। ତଥାପି ଚୋରି ଘଟଣା ବୃଦ୍ଧି ପାଉଛି। ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ଡାକ୍ତରଖାନାର ସୁରକ୍ଷା ବ୍ୟବସ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି।

## ନୂତନ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ସ୍ୱତନ୍ତ୍ର ଗ୍ରାମସଭା

ବାଲିଶଙ୍କରା, ୨୨।୬(ସମିସ): ବାଲିଶଙ୍କରା ବ୍ଲକ ଧୁବେନଦାଣ୍ଡ ପଞ୍ଚାୟତ ରପଟଯୋର ଗ୍ରାମ ନଲାପଡ଼ାରେ ରାଜସ୍ୱ ଏବଂ ବନକର୍ମଚାରୀଙ୍କ ତରଫରୁ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି। ଉକ୍ତ ପଡ଼ାରେ ଭୋଟର ସଂଖ୍ୟା ୧୬୩ ଥିବାବେଳେ ଜନସଂଖ୍ୟା ୩୧୪। କେଉଁ ଆବାହମାନ କାଳରୁ ଏଠାରେ ଆଦିବାସୀମାନେ ବସବାସ କରି ଆସୁଛନ୍ତି। ୧୯୪୦ ମସିହାରୁ ଉକ୍ତ ପଡ଼ାକୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ହୋଇପାରି ନ ଥିଲା। ଏଥିପାଇଁ ବାଲିଶଙ୍କରା ତହସିଲଦାର ଗୌରହରି ମହାନ୍ତ ଓ ଗୁଣ୍ଡିଆଡିହି ବନପାଳ ସବ୍ୟସାଚୀ କାଲୋଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଗ୍ରାମସଭା ଡକାଯାଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ତହସିଲଦାର ମହାନ୍ତ ଯୋଗଦେଇ ସମସ୍ତ ଗ୍ରାମବାସୀଙ୍କ ଜମି ଚିହ୍ନଟ କରିବା ସହ ନୂତନ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ସୁନ୍ଦରଗଡ଼ ଉପଜିଲ୍ଲାପାଳ ପାଖକୁ ପ୍ରେରଣ କରାଯିବ ଓ ମାସେ ଦୁଇ ମାସ ଭିତରେ ପଟ୍ଟା ପ୍ରଦାନ କରାଯିବା ସହ ନୂତନ ରାଜସ୍ୱ ମାନ୍ୟତା ମଧ୍ୟ ପ୍ରଦାନ କରାଯିବ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ପୀତାମ୍ବର ଶେଖରଦେଓ, ଗୁଣ୍ଡିଆଡିହି ବନପାଳ ସବ୍ୟସାଚୀ କାଲୋ, ଧୁବେନଦାଣ୍ଡ ସରପଞ୍ଚ ଶୁକ୍ରା ବାର୍ଲା, ଦେଓଭୁବନପୁର ସରପଞ୍ଚ ସଞ୍ଜୀବ କୁମାର ବାର୍ଲା, ଜଙ୍ଗଲ ଜମିର ସଭାପତି ଦେଓନିକିସ କୁଜୁର, ସମ୍ପାଦକ ସଂଭିଦ୍ର ସାଏ, ଟଙ୍କଧର ପଣ୍ଡା, ଦିବ୍ୟଦର୍ଶନୀ ସା ଉପସ୍ଥିତ ଥିଲେ। ସଭାରେ ପଡ଼ାର ୨୦୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଯୋଗଦେଇଥିଲେ। ଜଙ୍ଗଲ ଜମି ପଟ୍ଟା ମିଳିବା ଓ ରାଜସ୍ୱ ଗ୍ରାମ ମାନ୍ୟତା ନେଇ ପଥ ପରିଷ୍କାର ହୋଇଥିବାରୁ ଗ୍ରାମରେ ଆନନ୍ଦଉଲ୍ଲାସରେ ନାଚଗୀତ କରାଯାଇଥିଲା।

## ନାବାଳିକାକୁ ଅସଦାଚରଣ; ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼, ୨୨।୬(ସମିସ): ଭଷ୍ମା ଥାନା ଅଞ୍ଚଳର ଜଣେ ୧୩ ବର୍ଷୀୟା ନାବାଳିକାକୁ ଅସଦାଚରଣ ମାମଲାରେ ପୁଲିସ ଅଭିଯୁକ୍ତ ତନ୍ମୟ ରୋହିଦାସଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୁନ୍ଦରଗଡ଼ ଜେଲ ପଠାଇ ଦିଆଯାଇଛି। ସମ୍ପୃକ୍ତ ନାବାଳିକାକୁ ତନ୍ମୟ ହଇରାଣ ହରକତ କରୁଥିବା ବେଳେ ବଳ ପୂର୍ବକ ଆଲିଙ୍ଗନ କରିଥିଲେ। ନାବାଳିକା ଜଣକ ଏହାକୁ ବିରୋଧ କରିବାରୁ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ନାବାଳିକାଙ୍କ ବାପା ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି।

**ମହାନତା ଦେଖାଇଲେ ଶ୍ରବଣ ଗଡ଼ିଆ ଓ ସାଥୀ**

# ଅନାଥ ନାବାଳକର ଶବସତ୍କାର କଲେ

ହେମଗିରି, ୨୨।୬(ସମିସ)



ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ ଗୋପାଳପୁର ପଞ୍ଚାୟତ ଚକ୍ରାମାଲ ଗ୍ରାମର ଶ୍ରବଣ କୁମାର ଗଡ଼ିଆ ଓ ତାଙ୍କ ସାଥୀମାନେ ଏକ ଅନାଥ ନାବାଳକର ଶବସତ୍କାର ସାଙ୍ଗକୁ ପରିବାରକୁ ଆର୍ଥିକ ସାହାଯ୍ୟ କରି ମହାନତାର ପରିଚୟ ଦେଇଛନ୍ତି। ଗଡ଼ିଆ ଗୋପାଳପୁର ଲ୍ୟାମ୍ପରେ ମ୍ୟାନେଜିଂ ଡାଇରେକ୍ଟର ଭାବେ କାମ କରନ୍ତି। ବିଭିନ୍ନ ସମୟରେ ଅନାଥ ଅଭାବୀଙ୍କୁ ସେ ସହଯୋଗ କରିଥାନ୍ତି। ସେ ବହୁଜନ କ୍ରାନ୍ତି ମୋର୍ଚ୍ଚାର ମଧ୍ୟ ଜଣେ ସକ୍ରିୟ ସଭ୍ୟ ଅଟନ୍ତି। ବାଲିଶଙ୍କରା ବ୍ଲକ ରାଉଳଡେଗା ଗ୍ରାମରେ ଜାତିପ୍ରଥା ତଥା ଅସ୍ପୃଶ୍ୟତା ପରି ଘୃଣ୍ୟ ପରମ୍ପରାର ଶିକାର ହୋଇଥିବା ଏକ ଗରିବ ପରିବାରର ଅନାଥ ନାବାଳକର ଶବ ସତ୍କାର ସାଙ୍ଗକୁ ତାଙ୍କ ଜେଜେମା'ଙ୍କୁ କିଛି ଆର୍ଥିକ ସାହାଯ୍ୟ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାଉଳଡେଗା ଗ୍ରାମର ସୁଧାଂଶୁ କମାର ଓ ରାଇବରୀ ତନ୍ତୀ ପରସ୍ପରକୁ ବିବାହ କରିଥିଲେ। ସୁଧାଂଶୁ ଲୁହାର ଜାତିର ହୋଇଥିବାବେଳେ ରାଇବରୀ ଦଳିତ ଥିଲେ। ଏମାନଙ୍କର ଲକ୍ଷ୍ମୀ କମାର ନାମକ ଏକ ପୁତ୍ର ସନ୍ତାନ ଥିଲା। ତେବେ ରାଇବରୀଙ୍କ ମୃତ୍ୟୁ ପରେ ସୁଧାଂଶୁ କେଉଁଆଡ଼େ ଚାଲିଯାଇଛନ୍ତି। ଫଳରେ ୧୨ ବର୍ଷୀୟ ଲକ୍ଷ୍ମୀଙ୍କୁ ତାଙ୍କ ଗରିବ ଜେଜେମା' ବହୁ କଷ୍ଟରେ ଲାଳନପାଳନ କରିଆସୁଥିଲେ। ତେବେ ଇତିମଧ୍ୟରେ ଲକ୍ଷ୍ମୀ କୌଣସି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ବାପାମା' ଅନ୍ୟ ଜାତିରେ ବିବାହ କରିଥିବାରୁ କୌଣସି ସମ୍ପର୍କୀୟ ଲକ୍ଷ୍ମୀଙ୍କ ଶବ ସଂସ୍କାର କରିବାକୁ ଆଗେଇ ଆସି ନ ଥିଲେ। ଖବର ପାଇ ଶ୍ରବଣ ଗଡ଼ିଆ ଓ ତାଙ୍କ ସାଥୀମାନେ ଲକ୍ଷ୍ମୀଙ୍କ ଶବକୁ କାନ୍ଧଦେବା ସହ ଶେଷକୃତ୍ୟ କରି ମହାନତା ଦେଖାଇଛନ୍ତି।

